# ବିଜେଡି କର୍ମୀଙ୍କ ବୈଠକ; ସୁଦାମ ମାର୍ଣ୍ଡିଙ୍କୁ ସ୍ୱାଗତ ଓ ଅଭିନନ୍ଦନ



ରାଇରଙ୍ଗପୁର, ୨୮ ।୩(ସମିସ): ଜାମଦା ବ୍ଲକଠାରେ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ସଭାପତି ଡୁମୁକା ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ବିଜେଡ଼ି କର୍ମୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଦର ଉପସଭାପତି ସୁବାସ ମଣ୍ଡଳ, ଜିଲ୍ଲା ସମ୍ପାଦକ ଫୁଲସାଇ ଡମାନ ମାର୍ଣ୍ଡି, ଜିପି ସଭାପତି ସୁରେଶଚନ୍ଦ୍ର ବେଶ୍ରା, ବାବୁଲୁ ବେହେରା, ଭାସ୍କର ମଣ୍ଡଳ, ଲକ୍ଷ୍ମଣ ସୋରେନ୍, ମହମ୍ମଦ ତସିଫ, ଛାତ୍ର ସଭାପତି ଶିବ ଶଙ୍କର ବେହେରା, ଦୁର୍ଗାଚରଣ ହାଁସଦା, ସେକ ହମିଦ, ମୁସ୍ତଫା ସାର୍, ସୁଧିର ଭୂମିଜ, ସମାଇ ମାର୍ଣ୍ଡି, ସନ୍ତୋଷ ବିରୁଆ, ରାଜକୁମାର ସିଙ୍କୁ, ଶିବାଜୀ କଣ୍ଡାଙ୍କେଲ୍ ପ୍ରମୁଖ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମୟୂରଭଞ୍ଜ ଲୋକସଭା ପାଇଁ ସୁଦାମ ମାର୍ଣ୍ଡିଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଜାମଦା ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ସଭାପତି, ସମସ୍ତ ପଦାଧିକାରୀ ଏବଂ ବହୁ ବିଜେଡ଼ି କର୍ମୀମାନଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଅବସରରେ କର୍ମୀମାନେ ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଛନ୍ତି।

## ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

# କାମ ବନ୍ଦକଲେ ଗ୍ରାମବାସୀ

ରାସଗୋବିନ୍ଦପୁର/କମାରଡିହା, ୨୮ ।୩ (ସମିସ)

ରାସ୍ତା କାମ ନିମ୍ନମାନର ହେଉଥିବା ଦେଖି ଗ୍ରାମବାସୀ ଅଧାରୁ ବନ୍ଦ କରିଦେଇଛନ୍ତି। ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କମାରଡିହା ପଞ୍ଚାୟତରେ। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଆୟୁର୍ବେଦିକ ଡାକ୍ତରଖାନା ମୁଖ୍ୟ ରାସ୍ତାରୁ ଅନ୍ୟ ଏକ ନୂତନ ରାସ୍ତା ତିଆରି ପାଇଁ ସରକାର ମଞ୍ଜୁରୀ ଦେଇଥିଲେ। ରାସ୍ତା କାମ ଆରମ୍ଭ ମଧ୍ୟ ହୋଇଥିଲା, କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ରାସ୍ତା କାମ ଟି ଅତ୍ୟଧିକ ନିମ୍ନ ମାନର ହୋଇଥିଲା। ଏସ୍ଟିମେଟ ଅନୁଯାଇ କୌଣସି କାମ ହଉନଥିଲା। ପ୍ରଥମତ ଏହି ରାସ୍ତା କାମଟି ବିନା ଫଳକରେ ହଉଛି ତେଣୁ କେତେ ଟଙ୍କାର କାମ ତାହା ସଠିକ ଭାବରେ ଜାଣି ହେଉନାହିଁ। ଦ୍ୱିତୀୟତ



ଏହି ରାସ୍ତାଟି ଆୟୁର୍ବେଦିକ ଡାକ୍ତର ଖାନରୁ ଆରମ୍ଭ ନ ହୋଇ ମୁଖ୍ୟ ରାସ୍ତା ପଟୁ ଆରମ୍ଭ କରାଗଲା ତେଣୁ ରାସ୍ତାଟି ଆୟୁର୍ବେଦିକ ଡାକ୍ତର ଖାନର ଗେଟ ନିକଟକୁ ସଂଗଯୋଗ ହୋଇ ନପାରି ବାକି ରହିଗଲା। ନିୟମ ଅନୁଯାଇ ପ୍ରଥମେ ରାସ୍ତା ଟିକୁ ତାଡି ମାଟି ବାହାର କରି ବାଲି ଫିଲିଙ୍ଗ କରିବା କଥା କିନ୍ତୁ ରାସ୍ତାଟିକୁ ନ ତାଡି ୨/୩ ଇଞ୍ଚର ବାଲି ଫିଲିଙ୍ଗ କରାଗଲା କିନ୍ତୁ ପ୍ରକୃତରେ ୭ ଇଞ୍ଚରା ବାଲି ଫିଲିଙ୍ଗ ହବା କଥା, ସେହିଭଳିଆ ଚିପ୍ସ ?ଲେଇ ୭ ଇଞ୍ଚର ହବା କଥା କିନ୍ତୁ ପାଖା ପାଖି ୪ ଇଞ୍ଚ ର ?ଲେଇ ପଡ଼ିଛି ଏବଂ ସିମେଣ୍ଟ, ଚିପ୍ସ, ବାଲି ର ଭି ଭାଗମାପ ଠିକ ସେ ହୋଇନାହିଁ। ଏ ବାବଦରେ ଗ୍ରାମବାସୀ ମାନେ କଣ୍ଟ୍ରାକଟର କୁ କହିବା ସତେ ମଧ୍ୟ କଣ୍ଟ୍ରାକଟର ଗ୍ରାମବାସୀଙ୍କ କଥାକୁ କିଛି ଶୁଣିନଥିଲେ ଯାହା ଫଳରେ ଗ୍ରାମବାସୀମାନେ ଏକ ଜୁଟ ହୋଇ କାମକୁ ଅଧାରୁ ବନ୍ଦ କରିଦେଇଥିଲେ।

ଏ ବାବଦରେ ବିଭାଗୀୟ ଜେଇଙ୍କ ମତାମତ୍ ଜାଣିବା ପାଇଁ ଆମେ ବାରମ୍ବାର କଲ କରିଥିଲେ ମଧ୍ୟ ସେ ଆମ କଲ କୁ ଉଠାଇ ନ ଥିଲେ। ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମର ରାସ୍ତାର ବିକାଶ କରିବା ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରୁଥିବା ବେଳେ ଏଠି କଣ୍ଟ୍ରାକ୍ଟର ମାନେ ନିମ୍ନ ମାନର କାମ କରି ସେ ଟଙ୍କାକୁ ଅଙ୍ଗସାତ୍ କରୁଛନ୍ତି ଏବଂ ବିଭାଗୀୟ ଅଧିକାରୀ ମଧ୍ୟ ଏ ବାବଦରେ ଚୁପ ବସିଛନ୍ତି। ତେଣୁ ବିଭାଗୀୟ ଜେଇ ଏ ବାବଦରେ କିଛି ତଦନ୍ତ ନ କରିବା ଗ୍ରାମବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

● ୧୪ ଦିନ ପରେ ବି ଚୋରକୁ ଧରିବାରେ ପୁଲିସ ବିଫଳ

# ପୁଣି ଜାତୀୟ ରାଜପଥରୁ ଲୁଟିନେଲେ ଦୁର୍ବୃତ୍ତ

ବାଙ୍ଗିରିପୋଷି, ୨୮।୩ (ସମିସ): ଗତ ୧୪ ତାରିଖରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ହାଣଦା ଗ୍ରାମର ଶିକ୍ଷକ ପବିତ୍ର ମୋହନ ଗିରିଙ୍କ ଘରୁ ୫୦ ହଜାର ଟଙ୍କା, ତାଙ୍କ ଘରେ ଭଡାରେ ରହୁଥିବା ଶିକ୍ଷକ ମନୋଜ କୁମାର ଦାସ ମହାପାତ୍ରଙ୍କଠାରୁ ସୁନା ଗହଣା ଏବଂ ଟଙ୍କା ଓ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ଘରୁ ୭୦ ହଜାର ଟଙ୍କା ସହ ସୁନା ଗହଣା ଚୋରି ହୋଇଥିଲା। ହେଲେ ଏହି ଘଟଣା ଘଟିବାର ଇତିମଧ୍ୟରେ ୧୪ ଦିନ ବିତିଯାଇଥିଲେ ବି ପୁଲିସ ଚୋରକୁ ଧରିବାରେ ବିଫଳ ହୋଇଛି। ଫଳରେ ପୁଲିସର କାର୍ଯ୍ୟକଳାପ ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସେହିପରି ଗୁରୁବାର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୮ କାଳାବାଡିଆଠାରୁ ଜଗନ୍ନାଥ ଖୁଣ୍ଟା ଓଭରବ୍ରିଜ ନିକଟରେ ଏକ ବାଇକ୍‌ରେ ଆସି ଦୁର୍ବୃତ୍ତମାନେ ଚାଳକଙ୍କଠାରୁ ଟଙ୍କା ସହ ଜରୁରୀ କାଗଜପତ୍ର ଲୁଟିନେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଆଜି ସକାଳେ ଦିଗାରିଅସ୍ତିଆ ଗ୍ରାମର ସତ୍ୟଜିତ ମିଶ୍ର (୨୫) ଏକ ବାଇକରେ ଯାଉଥିବାବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ମନିପର୍ସକୁ ଛଡାଇ ନେଇ ପଳାଇଥିଲେ। ଫଳରେ ଶ୍ରୀ ମିଶ୍ର ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ପର୍ସରେ ଥିବା ୧୨ ହଜାର ଟଙ୍କା ସହ ଏଟିଏମ କାର୍ଡ, ପାନକାର୍ଡ, ଆରସିବୁକ ଭୋଟର କାର୍ଡ ଏବଂ ଘରର ଚାବିକାଠି ସବୁ ଲୁଟ୍ ହୋଇଯାଇଛି। ପରେ ଶ୍ରୀ ମିଶ୍ର ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଖଇରୀର ତିରୋଧାନ ଦିବସ ଓ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା ଶିବିର



ବାରିପଦା/ବେତନଟୀ, ୨୮ ।୩(ସମିସ): ବିଶ୍ୱ ବିଖ୍ୟାତ ବାଘୁଣୀ 'ଖଇରୀ ରାଣୀ'ର ୪୪ତମ ତିରୋଧାନ ଦିବସ ଉପଲକ୍ଷେ ଶିମିଳିପାଳର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଜବାହାର ନବୋଦୟ ବିଦ୍ୟାଳୟ ଶାଳବଣୀଠାରେ ବିଦ୍ୟାଳୟର ଅଧ୍ୟକ୍ଷ ମୋହନ ଦାଶ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଟର ନ୍ୟାସନାଲ ନେଚରପ୍ୟାଥି ଅର୍ଗାନାଇଜେସନ, ଜାତୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ, ଆୟୁଷ ମନ୍ତ୍ରଣାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟର ମିଳିତ ସହଯୋଗରେ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୌନ ବନେଗା ସ୍ୱାସ୍ଥ୍ୟ ରକ୍ଷକ (କେବିଏସଆର) କିଏ ହେବ ସ୍ୱାସ୍ଥ୍ୟ ରକ୍ଷକ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା, ଜଙ୍ଗଲର ସୁରକ୍ଷା, ପ୍ରକୃତି ଓ ପରିବେଶ ପ୍ରତି ଅନୁକୂଳ ମନୋଭାବ ଏବଂ ବିଦ୍ୟାର୍ଥୀ ଜୀବନରେ ସୁସ୍ଥ ଶରୀର ଓ ମନର ଗୁରୁତ୍ୱ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଅନ୍ତର୍ରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନର ସାଧାରଣ ସମ୍ପାଦକ ଏବଂ ପୂର୍ବ ଭାରତର ଆଞ୍ଚଳିକ ସଂଯୋଜକ ଡ. ସୁବାଷ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପ୍ରତିଯୋଗୀଙ୍କୁ ଶିମିଳିପାଳ ଜୈବମଣ୍ଡଳ ଓ ବ୍ୟାଘ୍ର ପ୍ରକଳ୍ପର ରକ୍ଷଣାବେକ୍ଷଣ, ପରିବେଶ ପ୍ରତି ସଚେତନତା ଏବଂ ପ୍ରକୃତିର ପଞ୍ଚତତ୍ତ୍ୱର ସୁରକ୍ଷା ଉପରେ ବିଶେଷଭାବେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ, ପରିବେଶ ଏବଂ ଜୈବ ମଣ୍ଡଳ ଉପରେ ଆଧାରି କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଅନ୍ତର୍ରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାନ, ଓଡ଼ିଶାର ସକ୍ରିୟ" କାର୍ଯ୍ୟକର୍ତ୍ତା ଡ଼କ୍ଟର ରମାକାନ୍ତ ମହାନ୍ତ ମୁଖ୍ୟବକ୍ତା, ବନ ମୟୂରୀର ସମ୍ପାଦକ ନିରୋଦ ସୁନ୍ଦର ଜେନା, କବି ମନୋଜ କୁମାର ମହାନ୍ତ ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରିଥିଲେ।

ଆଜି ସଙ୍ଗୀତରେ ମହିଳା ଆନ୍ତର୍ଜାତୀୟ ଦିବସ ହୋଇ ଥିବାରୁ ପ୍ରକୃତି ଏବଂ ପରିବେଶର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରି ପ୍ରକୃତି ବନ୍ଧୁ ପୁରସ୍କାର ଲାଭ କରିଥିବା ଗୋପବନ୍ଧୁ ବାଳାଶ୍ରମ, ବାରିପଦାର ସଙ୍ଗୀତ ଶିକ୍ଷୟିତ୍ରୀ ଝୁମର ରାଣୀ ବିନ୍ଦୁ ମତୀ ମହାନ୍ତଙ୍କର ସଙ୍ଗୀତ ଶିଳ୍ପର ଅବଦାନକୁ ସ୍ୱୀକୃତି ଏବଂ ସମ୍ମାନ ଦେବା ପାଇଁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ସୀତାରାମ ଯାଦବ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ଶ୍ରୀଧର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ବେଳେ ରାସ୍ତାରେ ପକାଯାଉନି ପାଣି; ଧୂଳିରେ ଲୋକେ ଅଣନିଃଶ୍ୱାସୀ



ରାଇରଙ୍ଗପୁର, ୨୮।୩ (ସମିସ): ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳରେ ରାଇରଙ୍ଗପୁର-ଜାମଦାକୁ ସଂଯୋଗ କରୁଥିବା ରାସ୍ତାର ପିଚୁ କାର୍ଯ୍ୟ ଚାଲୁ ରହିଛି। ରାସ୍ତାର ଉଭୟ ପାଖରେ ମାଟି ଓ ଡଷ୍ଟଗୁଣ୍ଡ ଦେଇ ସମତୁଲ କରାଯାଉଛି; କିନ୍ତୁ ନିୟମାନୁସାରେ ନିର୍ମାଣାଧୀନ ରାସ୍ତାରେ ଆବଶ୍ୟକ ମୁତାବକ ପାଣି ଦିଆଯାଉ ନ ଥିବାରୁ ଯାନବାହାନ ଚଳାଚଳ କରିବାବେଳେ ପ୍ରବଳ ଧୂଳି ଉଡୁଛି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ପଥିକ, ବାଇକ ଚାଳକ ଅଣନିଃଶ୍ୱାସୀ ହେବା ସହିତ ପ୍ରଦୂଷଣର ଶିକାର ହେଉଛନ୍ତି। କୋଟିକୋଟି ଅର୍ଥରେ ଉକ୍ତ ରାସ୍ତା ନିର୍ମାଣ ହେଉଥିବା ବେଳେ ଦିନକୁ କେତେ ଥର ପାଣି ରାସ୍ତାରେ ଢାଳିବା ଆବଶ୍ୟକ ପ୍ରଶାସନ ଅଧିକାରୀମାନେ ତାହା ପରିଦର୍ଶନ କରିବା ଉଚିତ୍ ବୋଲି ଜାମଦାବାସୀ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀ ରାସ୍ତା କାମ ପରିଦର୍ଶନ କରିବା ସହିତ ନିୟମାନୁସାରେ କରାଯାଉ ବୋଲି ଓଡ଼ିଶା ୟୁଏସ୍ଆଇ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନକୁମାର ଶତପଥୀ ଓ ସଦସ୍ୟମାନେ ଦାବି ଜଣାଇଛନ୍ତି।

# ବିଏଲ୍‌ଓ, ସୁପରଭାଇଜର ଓ ସେକ୍ଟର ଅଫିସରଙ୍କୁ ତାଲିମ ପ୍ରଦାନ

ବେତନଟୀ, ୨୮ ।୩(ସମିସ): ବେତନଟୀ ବ୍ଲକରେ ଥିବା ୧୩୬ଟି ମତଦାନ କେନ୍ଦ୍ରର ବିଏଲଓ (ବୁଥଲେବଲ ଅଫିସର)ଙ୍କ ସମେତ ୧୩ ଜଣ ସୁପରଭାଇଜର ଏବଂ ୧୪ଜଣ ସେକ୍ଟର ଅଫିସରଙ୍କୁ ନେଇ ଏକ ତାଲିମ୍ କାର୍ଯ୍ୟକ୍ରମ ଗୁରୁବାର ଏମପିସି ହାଇସ୍କୁଲରେ ଆୟୋଜିତ ହୋଇଯାଇଛି। ରିସୋର୍ସ ପର୍ସନ ଭାବରେ ଏବିଡିଓ ଗଗନବିହାରୀ ବେହେରା, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ ଏବଂ ଏବିଇଓ ରମାକାନ୍ତ ମହାନ୍ତ ପ୍ରମୁଖ ବିଏଲଓ, ସୁପରଭାଇଜର ଏବଂ ସେକ୍ଟର ଅଫିସରଙ୍କୁ ଆବଶ୍ୟକ ତାଲିମ୍ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମତଦାନ ପ୍ରକ୍ରିୟାକୁ ଅଧିକ ସହଜ, ସରଳ ତଥା ଶୃଙ୍ଖଳିତ କରିବା ଉପରେ ତାଲିମ୍ ଦିଆଯାଇଥିଲା। ପୁନଶ୍ଚ ପ୍ରତି ବୁଥରେ ସହାୟତା କେନ୍ଦ୍ର (ହେଲ୍ପଡେସ୍କ) ଖୋଲାଯିବା ସହିତ ଏଥିରେ ନିଯୁକ୍ତ ବିଏଲଓ କିଭଳି ମତଦାତା ଆବଶ୍ୟକ କରୁଥିବା ସୂଚନା ସଙ୍ଗ ସଙ୍ଗେ ଯୋଗାଇ ଦିଆଯାଇପାରିବ ସେନେଇ ମଧ୍ୟ ତାଲିମ୍ ଦିଆଯାଇଥିଲା। ଏହି ତାଲିମର ତଦାରଖ ତଥା ସମୀକ୍ଷା କରିବାକୁ ବେତନଟୀ ତହସିଲଦାର ସୁରଥଚନ୍ଦ୍ର ରାଉତ ଏମପିସି ହାଇସ୍କୁଲ ପରିଦର୍ଶନ କରି ବିଭାଗୀୟ ରିସୋର୍ସପର୍ସନଙ୍କ ସହିତ ଆଲୋଚନା କରିଥିଲେ।

# ବି.ବି. ମହାବିଦ୍ୟାଳୟର ମୁଖପତ୍ର 'ଶ୍ରଦ୍ଧାଞ୍ଜଳି' ଉନ୍ମୋଚିତ



କୁଳିଅଣା, ୨୮।୩(ସମିସ): ବାଇଗଣବାଡିଆ ସ୍ଥିତ ବି.ବି.ମହାବିଦ୍ୟାଳୟର ମୁଖପତ୍ର 'ଶ୍ରଦ୍ଧାଞ୍ଜଳି' ଓ କ୍ୟାଲେଣ୍ଡର ଅଧ୍ୟକ୍ଷ ଡ.ସନ୍ଦୀପ କୁମାର ପଟ୍ଟନାୟକ ଏବଂ ପରିଚାଳନା କମିଟି ସଭାପତି ଡ.ଅନନ୍ତ କୁମାର ଜେନାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି।

ଏହି ଉପଲକ୍ଷେ ଆୟୋଜିତ ସଭାରେ ସଭାପତିତ୍ୱ କରି ଡ.ପଟ୍ଟନାୟକ ଲେଖକ ଲେଖିକାମାନଙ୍କ ସୃଜନାଶୀଳତାକୁ ପ୍ରଶଂସା କରିଥିଲେ। ସମ୍ପାଦନା ମଣ୍ଡଳୀର ମୁଖ୍ୟ ପ୍ରାଧ୍ୟାପିକା ମେଘମାଳା ବେହେରା, ପ୍ରାଧ୍ୟାପିକା ସଂଯୁକ୍ତା ମହାନ୍ତି, ଅଧ୍ୟାପିକା ଜୟଶ୍ରୀ ଦାଶ, ଅଧ୍ୟାପକ ସୁବ୍ରତ କୁମାର ପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଷ୍ଟାଫକାଉନସିଲ ସେକ୍ରେଟେରୀ ଡ.ଶ୍ରୀନାଥ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ.ରାଜେନ୍ଦ୍ର କୁମାର ଦାସ ଓ ଆକାଉଣ୍ଟାଣ୍ଟ ବାରସାର ଡ.ଅଳକା ମଞ୍ଜରୀ ଭୂୟାଁ ମତ ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବଡ଼ଭାଇକୁ ଟାଙ୍ଗିଆରେ ଆକ୍ରମଣ; ଅଭିଯୁକ୍ତ ସାନଭାଇ ଗିରଫ

କପ୍ତିପଦା, ୨୮।୩(ସମିସ): ସାନ ଭାଇ ସାହିପାରିଲା ନାହିଁ ବଡ଼ ଭାଇର ଶିରି। ବଡ଼ଭାଇ ଭଲରେ ଚଳୁଥିବା ଦେଖି ରକ୍ତଚାଉଳ ଚୋବାଉଥିବା ସାନଭାଇ ଶେଷରେ ଟାଙ୍ଗିଆରେ ଆକ୍ରମଣ କଲା। ଆଉ ସାନ ଭାଇ ଆକ୍ରମଣରୁ ବଡ଼ ଭାଇ ବର୍ତ୍ତି ଯାଇଥିବା ବେଳେ ଅନ୍ୟ ସମ୍ପର୍କୀୟ ଭାଇମାନେ ଶିକାର ହେଲେ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା କୁସୁନପୁର ଗ୍ରାମରେ। ଗ୍ରାମର ଶଶିକାନ୍ତ ପଲେଇ ନିଜ ବଡ଼ ଭାଇ ସତ୍ୟନାରାୟଣ ପଲେଇଙ୍କ ପରିବାର ଭଲରେ ଚଳୁଥିବା ଦେଖି ସହ୍ୟ କରି ନ ପାରି ଗୁରୁବାର ସନ୍ଧ୍ୟାରେ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା; ହେଲେ କୌଶଳକ୍ରମେ ସତ୍ୟନାରାୟଣ ଆକ୍ରମଣ ସମୟରେ ଖସି ପଳାଇଥିବାବେଳେ ସମ୍ପର୍କୀୟ ଭାଇମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆକ୍ରମଣକାରୀ ଶଶିକାନ୍ତ ଟାଙ୍ଗିଆରେ ସମ୍ପର୍କୀୟ ଭାଇ ପ୍ରଶାନ୍ତ ମହାକୁଡ଼, ସୁଶାନ୍ତ ମହାକୁଡ଼ ଏବଂ ଶଶିକାନ୍ତ ମହାକୁଡ଼କୁ ଆକ୍ରମଣ କରିଥିଲା। ଫଳରେ ଟାଙ୍ଗିଆ ଚୋଟରେ ୩ ସମ୍ପର୍କୀୟ ଭାଇ ଗୁରୁତର କପ୍ତିପଦା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଖବର ପାଇ ଅଭିଯୁକ୍ତ ଶଶିକାନ୍ତକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

# ହିନ୍ଦୁସ୍ଥାନ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁସନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

ବାରିପଦା, ୨୮ ।୩(ସମିସ): ତକତପୁର ଏଚଡିଆଇ ନୃତ୍ୟ ନାଟ୍ୟ ଅନୁଷ୍ଠାନ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ, ଶିଶୁ ନାଟ୍ୟପ୍ରେମୀ ଓ କଳାକାର ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ନୃତ୍ୟଗୁରୁ ଅମିତ୍ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଗୋବିନ୍ଦ ଚନ୍ଦ୍ର ଗିରି ମୁଖ୍ୟଅତିଥି, ଅନ୍ୟତମ ନାଟ୍ୟକାର, ନିର୍ଦ୍ଦେଶକ ଆଶିଷ କୁମାର ବଶା ମୁଖ୍ୟବକ୍ତା ତଥା ସମ୍ମାନିତ ବକ୍ତା ଭାବରେ ନାଟ୍ୟକାର, ଅଭିନେତା କ୍ଷିରୋଦ ସିଟ, ନିର୍ଦ୍ଦେଶକ ଅଜିତ କୁମାର ମହାପାତ୍ର, ବରିଷ୍ଠ ଅଭିନେତା ଅନିଲ କୁମାର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ତ୍ରିଲୋଚନ ସାହୁ, ନାଟ୍ୟକାର ଅଜିତ ପାଣିଗ୍ରାହୀ ତଥା ପାର୍ଥସାରଥୀ ଦାସ, ଅଭିନେତା ବିଜୟ ସେଠୀ, ହାସ୍ୟ ଅଭିନେତା ଅରୂପ କର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସାରା ବିଶ୍ୱର ଦିବଂଗତ ନାଟ୍ୟକର୍ମୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା ହୋଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାଟକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶ୍ୱ ନାଟ୍ୟ ଦିବସର ବିଶ୍ୱ ସମୁଦାୟକୁ ବାର୍ତ୍ତା ଶାନ୍ତି ପାଇଁ ନାଟକ ଏବର୍ଷର ନାଟକ ଗୁଡ଼ିକର ସନ୍ଦେଶ ରୂପେ ବ୍ୟବହାର କରିବାକୁ ସ୍ଥିର କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପରାନ୍ତେ 'ନାଟକ ସ୍ଥାୟିତ୍ୱ ପାଇଁ କିଛି ନା କିଛି କର୍ମ କରିବା..... ନାଟକ ମାଧ୍ୟମରେ ଶାନ୍ତିର ବାର୍ତ୍ତା ପ୍ରସାର କରିବା' ଶପଥ ପାଠ କରାଯାଇଥିଲା। ନାଟ୍ୟକର୍ମୀ ଶୁଭେନ୍ଦୁ କୁମାର ପଲ୍, ମନୋରଞ୍ଜନ ମହାପାତ୍ର, ଅଭିଜିତ ସାହୁ, ଅନିତା ବେହେରା, ମମତା ପାତ୍ର, ଶ୍ରୁତିପ୍ରଭା ମାଇତି, ଭାଗ୍ୟଶ୍ରୀ ମହାପାତ୍ର ଓ କଳ୍ପନା ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଦୋଳ ମେଳଣ ପାଇଁ ସାଇଁକୁଳା ଉତ୍ସବମୁଖର

କୁଆମରା, ୨୮।୩(ସମିସ)



ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଳାଠାରେ ୧୨୦ ବର୍ଷର ପ୍ରସିଦ୍ଧ ଦୋଳମେଳଣ ପାଇଁ ଉତ୍ସବ ମୁଖର ହୋଇ ଉଠିଛି। ଏହି ପାରମ୍ପରିକ ଐତିହାସିକ ପ୍ରସିଦ୍ଧ ଦୋଳଯାତ୍ରା ୨୭ ତାରିଖରୁ ଆରମ୍ଭ ହୋଇଛି। ଏହି ମେଳଣ ମୟୂରଭଞ୍ଜ ଓ ପଡୋଶୀ ବାଲେଶ୍ୱର ଜିଲ୍ଲାରୁ ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସୁସଜ୍ଜିତ ବିମାନର ମିଳନ ସ୍ଥଳରେ ୪୦ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଠାକୁରମାନେ ବିମାନରେ ବସି ମିଳିତ ପଟୁଆରରେ ଭକ୍ତମାନଙ୍କ ଗହଣରେ ବାଜା ଓ ବାଣ ଫୁଟାଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ପରମ୍ପରା ଅନୁଯାୟୀ ଗ୍ରାମର ଦୁଇ ସାମରାୟ, ଦୁଇ ରାହାସ ବିହାରୀ ଜୀଉ, ଗୋବିନ୍ଦ ଗୋପାଳ ଜୀଉ, ଦୁଇ ରାଧାମୋହନ ଜୀଉ, ବ୍ରଜବିନୋଦ ରାୟ ପ୍ରଭୃତି ସାତ ଠାକୁର ସ୍ଥାୟୀ ପୂଜା ମଣ୍ଡପକୁ ବିଜେ କରିଥାନ୍ତି। ତେବେ ଚଳିତ ବର୍ଷ ବିମାନ ମଣ୍ଡପରେ ୧୨୦ ରାଧା କୃଷ୍ଣଙ୍କ ବିଗ୍ରହ ଆସି ମିଳିତ ହୋଇଥିଲେ। ମେଳାରେ ବିଭିନ୍ନ ଷ୍ଟଲ ଖୋଲା ଯାଇଛି। ବାଉଁଶ ହାତ ତିଆରି ବିଭିନ୍ନ ପ୍ରକାରର ଘର କରଣା ଜିନିଷ ଏହି ମେଳାରେ ଆକର୍ଷଣ ସାଜିଛି। ଏହି ମେଳା ଦୁଇ ସପ୍ତାହ ଧରି ବସେ। ମେଳଣ ପରିଚାଳନା ପାଇଁ ସ୍ୱତନ୍ତ୍ର କମିଟି ରହିଛି। ଏଥିରେ ସଭାପତି ବୈଦନାଥ ମିଶ୍ର ଓ ସମ୍ପାଦକ ଚନ୍ଦ୍ରଶେଖର ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥାନ୍ତି। ମେଳା ଶେଷ ପର୍ଯ୍ୟନ୍ତ ଏଠାରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ହୋଇଛି। ଶୃଙ୍ଖଳା ପାଇଁ ବାରିପଦା ଡିଏସପି ଦୀପକ କୁମାର ଗୋଛାୟତ, ଖୁଣ୍ଟା ଥାନା ଆଇଆଇସି ସୁଜାତା ଖମାରୀ, କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗୋଛାୟତ, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, ସବ୍‌ଇନ୍ସପେକ୍ଟର ସତ୍ୟନାରାୟଣ ପରିଡ଼ା, ସସ୍ମିତା ମୁର୍ମୁ ସମେତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ଅନ୍ୟତମ ପର୍ଯ୍ୟଟନସ୍ଥଳ ଜୟପୁରଠାରେ ମଧ୍ୟ ୯୦ତମ ଦୋଳମେଳନ ଉତ୍ସବରେ ୬୦ରୁ ଅଧିକ ବିମାନ ଦଳଗୋବନ୍ଦ ଜୀଉଙ୍କ ମଣ୍ଡପରେ ପହଞ୍ଚିଥିଲେ। ସେହିପରି କୁଆମରା, ଖିରିପଦା, ପାଳଶା, ଚିଲିମାଠାରେ ମଧ୍ୟ ଦୋଳଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୋଳ କମିଟିର ସଭାପତି, ସମ୍ପାଦକଙ୍କ ସମେତ ବହୁ କର୍ମକର୍ତ୍ତା ଏହି ମେଳା ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧ ଅନୁଷ୍ଠିତହୋଇଥିଲା।

# 'ଏଇ ମାଟି ଆମ ମାଆ'ର ଦ୍ୱିତୀୟ ବାର୍ଷିକ ଉତ୍ସବ





କୁଆମରା, ୨୮।୩(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ସାଂସ୍କୃତିକ ସଂଗଠନ ପକ୍ଷରୁ 'ଏଇ ମାଟି ଆମ ମାଆ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଚାରୁଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ପ୍ରାକ୍ତନ ସରପଞ୍ଚ ରତିକାନ୍ତ ମିଶ୍ର, ମୁଖ୍ୟବକ୍ତା ପ୍ରାକ୍ତନ ସରପଞ୍ଚ ପ୍ରତାପ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷାବିତ୍ କ୍ଷେତ୍ରମୋହନ ମିଶ୍ର, ଶିକ୍ଷକ ଉମାକାନ୍ତ ସିଂ ପ୍ରମୁଖ ଯୋଗଦେଇ ନିଜର ସ୍ୱଭାବକୁ ମଧୁର ଓ ପ୍ରେମ ମୟ କଲେ ସମସ୍ତଙ୍କ ନିକଟରେ ଆଦରଣୀୟ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଅଞ୍ଚଳର ପ୍ରତିଭାବାନ ବ୍ୟକ୍ତିଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ଏଥି ମଧ୍ୟରୁ ସ୍ୱର୍ଗତ ଶିକ୍ଷକ ରତିକାନ୍ତ ନାୟକଙ୍କ 'କୁଳମଣୀ ନାୟକ' ପୁରସ୍କାର, ଅଞ୍ଚଳର ପ୍ରଥମ ହିନ୍ଦୀ ଶିକ୍ଷକ ଜୀବନକୃଷ୍ଣ ମହାପାତ୍ର, କାରିଗରୀରେ ଦେବେନ୍ଦ୍ର ବିନ୍ଧାଣୀ, ଉଦ୍ୟୋଗପତି ଭାବେ କାର୍ତ୍ତିକ ଚନ୍ଦ୍ର ସାହୁ, ଶ୍ରେଷ୍ଠ କୁମ୍ଭକାର ଭାବେ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଦୌତାରୀ ବିନ୍ଧାଣୀ ଓ ସଞ୍ଜୀବ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁନି କୁନି ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ସଂଗଠନର ପ୍ରଥମ ସଭାପତି ସ୍ୱର୍ଗତ କୁଳମଣୀ ନାୟକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

ଧରଣୀଧର ମହାପାତ୍ର, କରୁଣାକର ମହାପାତ୍ର, ତୃପ୍ତି ଜେନା, କମଳାକାନ୍ତ ରଣା, ପ୍ରଲିପ୍ତ ରାୟ ସିଂ, ଶଶିକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସଂରକ୍ଷିତ ଜଙ୍ଗଲରେ ନିଆଁ



**ଡୁରୁମୁଙ୍ଗା,୨୮।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଗୋଡିପୋଖରୀ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବହୁ ମୂଲ୍ୟବାନ ଗଛ ସହ ଔଷଧୀୟ ବୃକ୍ଷ ଜଳିପଡି ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେବନକର୍ମଚାରୀପହଞ୍ଚିନିଆଁକୁଆୟତ୍ତକରିଛନ୍ତି।ନିଆଁଲାଗିବାକାରଣଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ପୋଖରୀ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କେନ୍ଦୁଝର,୨୮।୩(ସମିସ):** କେନ୍ଦୁଝରଗଡ ରେଳଷ୍ଟେସନ ନିକଟସ୍ଥ ଏକ ପୋଖରୀ ନିକଟରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଠାବ କରାଯାଇଛି। ସେଠାରେ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ିରହିଥିଲା ମହିଳାଙ୍କ ମୃତଦେହ। ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଥିବା ଲୋକେ ସନ୍ଦେହ କେଉଛନ୍ତି। ପୁଲିସ ଖବର ପାଇ ମୃତଦେହ ଠାବ କରିବା ସହିତ ତଦନ୍ତ ଚଳାଇଛି।

## ଶିକ୍ଷାବିତ୍‌ଙ୍କ ପରଲୋକ



**ବାଲିବନ୍ଧ, ୨୮।୩ (ସମିସ):** ଝୁମ୍ପୁରା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ବେହେରାଙ୍କ ଗୁରୁବାର ପରଲୋକ ଘଟିଛି। ଏହି ଦୁଃଖଦ ଘଟଣା ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। କିଛି ଦିନ ହେବ ତାଙ୍କର ଦେହ ଅସୁସ୍ଥ ଥିବାରୁ ଚିକିତ୍ସିତ ହେଉଥିଲେ। ତେବେ ବୁଧବାର ରାତିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ପରିବାର ଲୋକେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୩ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତିନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ତାଙ୍କର ପାର୍ଥିବ ଶରୀରକୁ ନିଜ ଗ୍ରାମ ଝୁମ୍ପୁରାକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରଯାଇଛି। ଖବର ପାଇ ସଦର ବିଧାୟକ ମୋହନ ଚରଣ ମାଝୀ, ପୂର୍ବତନ ବିଧାୟକ ଅଭିରାମ ନାଏକ, ବିଜେଡି ବ୍ଲକ ସଭାପତି ମହମ୍ମଦ କଫିଲ ଆନସାରୀ ଏବଂ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ତାଙ୍କର ଶେଷ ଦର୍ଶନ କରିଛନ୍ତି।

## ଅସହ୍ୟ ତାତିରେ ନଳକୂପ ଅଚଳ



**ତେଲକୋଇ,୨୮।୩(ସମିସ):** ବିଭାଗୀୟ ଅବହେଳା ଯୋଗୁଁ ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଆରମ୍ଭ ହୋଇଗଲାଣି ଜଳକଷ୍ଟ। ନଳକୂପ ଅଚଳ ହୋଇପଡିଥିବାରୁ ପାଣି ପାଇଁ ହୀନସ୍ତା ହେଉଛନ୍ତି ଗ୍ରାମବାସୀ। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ପେଣ୍ଟେଇ ସାହିରେ ପ୍ରାୟ ୧୫ ଦିନ ହେବ ଅଚଳ ହୋଇ ପଡିରହିଛି ନଳକୂପ। ଫଳରେ ପାଣି ପାଇଁ ଉହଳବିକଳ ହେଉଛନ୍ତି ୨୦ ପରିବାର। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ କରୁନାହିଁ ବିଭାଗ। ଏନେଇ ଗ୍ରାମର ବରିଷ୍ଠ ନାଗରିକ ଭଗବାନ ପେଣ୍ଟେଇ ତୁରନ୍ତ ନଳକୂପ ମରାମତି କରାଯାଇ ପାନୀୟଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ୩୦ରେ ଆସିବେ ବାବା ବଳିଆ



**ଆନନ୍ଦପୁର, ୨୮।୩(ସମିସ):** ସମାଜ ସଂସ୍କାରକ ପଦ୍ମଶ୍ରୀ ବାବା ବଳିଆ ମା' ଲକ୍ଷ୍ମୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବେ ବୋଲି ଶାଳଣିଆ ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୩୦ ତାରିଖରେ ହାଟଡିହି ବ୍ଲକ ଶାଳଣିଆ ଗ୍ରାମରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୂତନ ମା'ଲକ୍ଷ୍ମୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେଇ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ସେ ଆର୍ଶୀବଚନ ପ୍ରଦାନ କରିବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ଅବସରରେ କେନ୍ଦୁଝର ମାଟିର ପୁଅ ସେବକ ଗୋପାଳ ଦାସ କର୍ତ୍ତା ଭାବେ ସଂକଳ୍ପରେ ଏହି ଦିବ୍ୟ କର୍ମ ପରିଚାଳନା କରିବେ ବୋଲି ଜଣାଯାଇଛି।

### ଫିଙ୍ଗର୍ ପ୍ରିଣ୍ଟ ଦେଇ କଲବଲ ହେଉଛନ୍ତି ହିତାଧିକାରୀ

# ଆମ୍ବୋ ପଞ୍ଚାୟତକୁ ମିଳୁନି ୨୭୮ କ୍ୱିଣ୍ଟାଲ ଚାଉଳ

**ଆନନ୍ଦପୁର,୨୮।୩(ସମିସ)**




ହିତାଧିକାରୀ ଗରିବ ପରିବାରଙ୍କୁ ୪ ମାସର ଚାଉଳ ଅଗ୍ରୀମ ଆକାରରେ ପ୍ରଦାନ କରାଯାଉଥିବା ବେଳେ ଏହି ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଏଜେଣ୍ଟମାନେ ଅଭିନବ ଉପାୟରେ ଚଞ୍ଚକତା କରି ଏହି ସରକାରୀ ଚାଉଳକୁ ହଡ଼ପ କରୁଥିବା ନେଇ ସଂଗୀନ ଅଭିଯୋଗ ହୋଇଛି। ଗତ ଜାନୁଆରୀ ମାସରେ ବଣ୍ଟନ ହେବାକୁ ଥିବା ୪ ମାସର ଚାଉଳ ପାଇଁ ହିତାଧିକାରୀଙ୍କ ଠାରୁ ଫିଙ୍ଗର୍ ପ୍ରିଣ୍ଟ ଓ ଆଏ ସ୍କାନିଂ କରାଯାଇଥିଲେ ମଧ୍ୟ ଏଯାଏ ଚାଉଳ ମିଳୁନଥିବାରୁ କଳବଳ ହେଉଛନ୍ତି ହିତାଧିକାରୀ। ଏପରି ଅଭାବନୀୟ ଜାଲିଆତି ଘଟଣା ହୋଇଛି ହାଟଡିହି ବ୍ଲକର ଆମ୍ବୋ ପଞ୍ଚାୟତରେ।

ମିଳିଥିବା ସୂଚନାନୁଯାୟୀ, ଗତ ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ୪ ମାସର ପିଡିଏସ୍ ଚାଉଳ ପାଇଁ ଶଙ୍ଖୋ ଗ୍ରାମର ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ଓ ଆଏ ସ୍କାନିଂ କରାଯାଇଥିଲେ ମଧ୍ୟ ଏଯାଏ ଚାଉଳ ମିଳିନାହିଁ। ଏହାକୁ ନେଇ ଶତାଧିକ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ପାଇଁ ଆସିଥିବା ବେଳେ ବିଡିଓ ଓ ହିତାଧିକାରୀ ମୁହାଁମୁହିଁ ହେବା ଘଟଣାରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ପିଡିଏସ୍ ଯୋଗାଉଥିବା ଠିକାଦାର ଶହ ଶହ କ୍ୱିଣ୍ଟାଲ ଚାଉଳ ଚଳୁ କରିଦେଇଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଗତ ୩ ମାସ ହେବ ଲାଗି ରହିଥିଲେ ମଧ୍ୟ ଆମ୍ବୋ ପଞ୍ଚାୟତ ଅଧିବାସୀଙ୍କ ଅଭିଯୋଗର ତଦନ୍ତ କରାଯାଉନଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ଯୋଗାଣ ବିଭାଗ ନିରୀକ୍ଷକ, ବ୍ଲକ ପ୍ରଶାସନ ଓ ପିଡିଏସ୍ ଯୋଗାଉଥିବା ଠିକାଦାର ଏହି ଜାଲିଆତିକୁ ଦଫାରଫା କରିବା ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ ଆମ୍ବୋ ପଞ୍ଚାୟତର ଶଙ୍ଖୋ ଗ୍ରାମର ହିତାଧିକାରୀମାନେ ଏହାର ଦୃଢ଼ ପ୍ରତିବାଦ କରିଛନ୍ତି। ଏଣୁ କେନ୍ଦୁଝର ଜିଲ୍ଲାପାଳ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି ଜଣାଇଛନ୍ତି।

## ଜଳ ପ୍ରକଳ୍ପରେ ତାଲା ପକାଇଲେ ଗ୍ରାମବାସୀ



**ଡୁରୁମୁଙ୍ଗା, ୨୮।୩ (ସମିସ):** ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବିରେ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଦାମାହୁଦା ଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ନିର୍ମାଣ ହୋଇଥିବା ମେଗା ଜଳ ପ୍ରକଳ୍ପର ଫାଟକରେ ତାଲା ପକାଇ ଦେଇଛନ୍ତି ଗ୍ରାମବାସୀ। ଏହି ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରଥମ ୪୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେଉଥିବା ବେଳେ ଏପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ନିକଟତମ ଦୁଇଟି ଗ୍ରାମପଞ୍ଚାୟତକୁ ବର୍ତ୍ତମାନ ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ। ଯାହା ଫଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେବ ସେ ନେଇ ଜନସାଧାରଣରେ ଅସନ୍ତୋଷ ଦେଖାଦେଇ ଡାଲପକା ଓ କୁଦାବେଡା ପଞ୍ଚାୟତର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ପାନୀୟ ଜଳ ପ୍ରକଳ୍ପ ତାଲା ପକାଇ ଦେଇଛନ୍ତି। ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆଶାପୁରୀରେ ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ଆନନ୍ଦପୁର,୨୮।୩(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ଭିଆର୍‌ଓ ଦ୍ୱାରା ଆଶାପୁରୀ ଯୁବ ଦକ୍ଷତା ତାଲିମ କେନ୍ଦ୍ରରେ ଛାତ୍ରୀମାନଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ଦକ୍ଷତା ତାଲିମ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଫାଦର ଜର୍ଜ ଆଣ୍ଟନି ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସାଇ ଏକ୍ସପୋର୍ଟ ମୋବିଲାଇଜେସନ ହେଡ୍ ସୁବାସ ନାୟକ ଭିଆର୍‌ଓ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିକ୍ଷୟିତ୍ରୀ, ଛାତ୍ରୀ ଓ ଭିଆର୍‌ଓ କର୍ମୀ ଯଥା ଅଶୋକ ସେଠୀ, କେଦାର ନାୟକ, ଦୟାନିଧି ନାୟକ, ରୁକ୍ମଣୀ ପରିଡ଼ା ଏବଂ ସମସ୍ତ ଅଭିଭାବକ ଯୋଗ ଦେଇଥିଲେ। ଯୁବ ଦକ୍ଷତା ତାଲିମ କେନ୍ଦ୍ରର ସାଇଟ ଇନଚାର୍ଜ ସସ୍ମିତା ସାହୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ସଂସ୍ଥାର ଅବସରରେ ମୁଖ୍ୟଅତିଥି ୩୫ ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଭିଆରଓ କର୍ମୀ ମୋନାଲିସା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଅଙ୍ଗନବାଡ଼ି କେନ୍ଦ୍ରର ବାଟ ଓଗାଳୁଛି ଅବାଧ ପକ୍କାଘର ନିର୍ମାଣ

## ସ୍କୁଲକୁ ପ୍ରବେଶ କରିବାରେ ହଇରାଣ ହେଉଛନ୍ତି ଛାତ୍ରଛାତ୍ରୀ

**ହାଟଡ଼ିହୀ,୨୮।୩(ସମିସ):** ହାଟଡିହୀ ବ୍ଲକ୍ ଜମ୍ବିରା ପଞ୍ଚାୟତ ସୁନ୍ଦରପାଳ ଛକ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ଏକ ପକ୍କାଘର ନିର୍ମାଣ ହେଉଥିବାରୁ ଅଧ୍ୟୟନରତ କୁନିକୁନି ଛାତ୍ରଛାତ୍ରୀ ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରବେଶ କରିବାରେ ନାନା ସମସ୍ୟା ଭୋଗୁଥିବା ଦେଖାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ ପୂର୍ବରୁ ଅଙ୍ଗନବାଡ଼ି କେନ୍ଦ୍ରକୁ ପିଲାମାନେ ସହଜରେ ଯା'ଆସ କରୁଥିଲେ। ସୂଚନା ଅନୁସାରେ, ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଥିବା ଜାଗାଟି ସମ୍ପୂର୍ଣ୍ଣ ଭାବେ ସରକାରୀ ଜାଗା ହୋଇଥିବା ବେଳେ ଉକ୍ତ ଜାଗାଟିକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜବରଦଖଲ କରି ସେଠାରେ କୌଣସି ବ୍ୟବସାୟ ଉଦ୍ଦେଶ୍ୟରେ ଏକ ପକ୍କାଘର ନିର୍ମାଣ କରୁଛନ୍ତି। ଯାହାକି ଅଙ୍ଗନବାଡ଼ିକୁ ଲାଗି ରହିଥିବା ଏକ ମାର୍କେଟ କମ୍ପ୍ଲେକ୍ସ ଓ "ଆମ ଗାଁ ଆମ ବିକାଶ' ଗୃହ ମଧ୍ୟରେ ଥିବା ଏକ ଛୋଟ ଗଳି ବାଟରେ ନାନା ସମସ୍ୟା ଦେଇ ଯା'ଆସ କରୁଛନ୍ତି। ଏପରିକି କେନ୍ଦ୍ରକୁ ଆସୁଥିବା ପିଲାଙ୍କ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଆଣିବାରେ ମଧ୍ୟ ନାନା ଅସୁବିଧା ସୃଷ୍ଟି ହେଉଛି। ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରବେଶ କରିବାରେ ଚାରିପାଖ ଆବଦ୍ଧ ହୋଇଯିବାରୁ ଏବେ ବିଦ୍ୟାଳୟ ପାଇଁ ସମ୍ମୁଖରେ ନିର୍ମାଣ ହେଉଥିବା ପକ୍କା ଘରଟି ସମସ୍ୟାର ମୂଳ କାରଣ ସାଜିଛି। ଏଦିଗରେ ସ୍ଥାନୀୟ ସରପଞ୍ଚ, ହାଟଡିହୀ ବିଡିଓ ଓ ତହସିଲଦାର ହସ୍ତକ୍ଷେପ କରି ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କ ପ୍ରବେଶରେ ଉପୁଜୁଥିବା ସମସ୍ୟା ଉପରେ ବିଦ୍ଧିବଧ ତଦନ୍ତ କରିବା ସହ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।



## ଆନନ୍ଦପୁର ଡାକ୍ତରଖାନାରେ କାର୍ଯ୍ୟକ୍ଷମ ହେଲା ଶକ୍ତି କାଫେ




**ଆନନ୍ଦପୁର,୨୮।୩(ସମିସ):** ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ନବନିର୍ମିତ ଶକ୍ତି କାଫେ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଥିବା ଜଣାଯାଇଛି। ଗତ ୨ ତାରିଖରେ ଏହା ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନଥିବାରୁ ଏହା ଖୋଲାଯାଇନଥିଲା। ତେବେ ଏହାର ପରିଚାଳନା ପାଇଁ ତରୀମୂଳ ଗ୍ରାମର ମାଚଣ୍ଡି ସ୍ୱୟଂସହାୟକ ଗୋଷ୍ଠୀକୁ ଦାୟିତ୍ୱ ଅର୍ପଣ କରାଯିବା ପରେ ଆଜିଠାରୁ ଏହି ଶକ୍ତି କାଫେ କାର୍ଯ୍ୟକ୍ଷମ ହୋଇଥିବା ଜଣାପଡିଛି। ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଶ୍ରୀମତୀ ତଅପୋଇ ବେହେରା ଓ ସମ୍ପାଦିକା ରୀନା ପୁହାଣଙ୍କ ତତ୍ତ୍ୱାବଧାନରେ ଏହି ଶକ୍ତି କାଫେରେ ଚା', କଫି, ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଅପରାହ୍ନରେ ଜଳଖିଆ ଓ ରାତ୍ରୀଭୋଜନ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ମେଳା



**ତେଲକୋଇ,୨୮।୩(ସମିସ):** ତେଲକୋଇ ବ୍ଲକ ଓରିଆ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ଓ ମିନାକ୍ଷୀ ନନ୍ଦ ଯୋଗ ଦେଇଥିବା ବେଳେ ଅନ୍ୟଅତିଥିମାନଙ୍କ ମଧ୍ୟରେ ତେଲକୋଇ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅନୁରାଧା ବିଶ୍ୱାଳ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିର୍ମଳ ମହାନ୍ତ ଓ ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଶିକ୍ଷକ ଛବି କେତନ ସାହୁ ଏବଂ ସାମ୍ବାଦିକ ଅନୁକୂଳ ବିଶ୍ୱାଳ ଅନ୍ତର୍ଭୁକ୍ତ ରହିଥିଲେ। ତେବେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ବହୁ ଆକର୍ଷିତ ହୋଇଥିବା ବେଳେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କର ପ୍ରକଳ୍ପକୁ ନେଇ ଅତିଥିମାନେ ପ୍ରଶଂସା କରିଥିଲେ। ଅଂଶଗ୍ରହଣକାରୀ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପାଠ୍ୟ ଉପକରଣ ଓ ଟ୍ରଫି ଅତିଥିମାନେ ପୁରସ୍କୃତ କରିଥଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ଶାସଙ୍ଗ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

**ହାଟଡ଼ିହୀ,୨୮।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଶାସଙ୍ଗ ଗ୍ରାମରେ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଶୁଭାଧିବାସରେ ଲକ୍ଷ୍ମୀଧର ପାଢ଼ୀଙ୍କ ପୌରୋହିତ୍ୟରେ କଳସ ଶୋଭାଯାତ୍ରା ହୋଇଥିଲା। ଏଥିରେ ବୀରଭଦ୍ର ବିଶ୍ୱାଳ, ସୁବୋଧ ପ୍ରସାଦ ଆଏଚ, ସତ୍ୟବ୍ରତ ପାତ୍ର, ପ୍ରଫୁଲ୍ଲ ନାଏକ, ଅଭୟ ସାହୁ, ଅର୍ଜୁନ ପାତ୍ର, ମହେଶ୍ୱର ପ୍ରଧାନ, ମୁକେଶ ପାତ୍ର ପ୍ରମୁଖ ଘଟସ୍ଥାପନ କରିଥିଲେ। ଗୁରୁବାର ଭୋର୍ ସମୟରୁ ପ୍ରଭୁ ଶ୍ରୀହରିଙ୍କ ଅଖଣ୍ଡ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା ବେଳେ ଅଷ୍ଟପ୍ରହର ଉଦ୍ଦେଶ୍ୟରେ ଆଜି ରାତିସାରା ଅଖଣ୍ଡ ନାମ ସଙ୍କୀର୍ତ୍ତନ ଚାଲୁ ରହିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଏହି ନାମ ସଙ୍କୀର୍ତ୍ତନ ମହୋତ୍ସବରେ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଗୌରଭକ୍ତ ବୃନ୍ଦ ଯୋଗଦେଇଥିଲେ। ଆସନ୍ତାକାଲି ପୂର୍ବାହ୍ନ ଠାରୁ ରସକୀର୍ତ୍ତନ ସହିତ ଅପରାହ୍ନରେ ନଗର ସଂକୀର୍ତ୍ତନ ଓ ପରିକ୍ରମା ପରେ ଜଳାଶୟରେ କଳସ ବିସର୍ଜନ କରାଯିବ। ଏଥିରେ ଗ୍ରାମର ଦୀପକ ସୁବୁଧି, ପ୍ରଶାନ୍ତ ପୁହାଣ, ଚୈତନ୍ୟ ପୁହାଣ, ଦୁର୍ଯ୍ୟୋଧନ ପ୍ରଧାନ, ଯତୀନ୍ଦ୍ର ରାଉତ, କୈଳାସ ସୁବୁଧି, ସୁଧୀର ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ପାଢ଼ୀ, ନରହରି କୁଅଁର, ବୁଦ୍ଧଦେବ ପୁହାଣ ପ୍ରମୁଖ ଏହି ନାମ ସଙ୍କୀର୍ତ୍ତନ ମହୋତ୍ସବ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲା ବେଳେ ଗ୍ରାମର ଉଦୀୟମାନ ଯୁବକମାନେ ଏଥିରେ ସହଯୋଗ କରିଥିଲେ।

### ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

## ପମ୍ପ୍ ଘରକୁ ଘେରିଲେ ମହିଳା



**ପାଟଣା, ୨୮।୩(ସମିସ)**

ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲୀପଶି ଗ୍ରାମରେ ଓଭରହେଡ଼ ପାଣି ଟାଙ୍କି ଥିବା ସତ୍ତ୍ୱେ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ମୁନ୍ଦାଏ ପାଣି ପାଇଁ ଉହଳ ବିକଳ ହେଉଥିବା ଦେଖାଯାଉଛି। ଗ୍ରାମରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ଆବଶ୍ୟକତା ଅନୁଯାୟୀ ପାନୀୟ ଜଳଯୋଗାଣ ହୋଇପାରୁନଥିବା ବେଳେ ବାଧ ହୋଇ ଲୋକମାନେ ୨ କିମି ଦୂରରେ ଥିବା ଏକ କୂଅରୁ ପାଣି ଆଣୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଦୀର୍ଘଦିନ ଧରି ଗ୍ରାମବାସୀ ପ୍ରଶାସନ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଗୁହାରି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି। ଫଳରେ ବାଧ ହୋଇ ଗ୍ରାମର ମହିଳାମାନେ ବସୁଧା ପାଣି ପମ୍ପ ଘରକୁ ଘେରି ପ୍ରତିବାଦ କରିଥିଲେ। ଏ ନେଇ ଗ୍ରାମର ମହିଳାମାନେ ଏକ ଦାବିପତ୍ର ପାଟଣା ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ପ୍ରଦାନ କରିଛନ୍ତି।

## କେଶଦୁରାପାଳରେ ନିଆରା ହୋଲି ପାଳନ



**ଘସିପୁରା,୨୮।୩(ସମିସ):** କେଶଦୁରାପାଳ ବିଜେଶ୍ରୀ ଦଧିବାମନଜୀଉ ମନ୍ଦିରରେ ଦୋଳ ପର୍ବ ବହୁ ଆଡମ୍ବରରେ ପାଳନ କରାଯାଇଛି। ଗ୍ରାମର ୮ଗୋଟି ବିମାନକୁ ଏକ ବିରାଟ ପଟୁଆରରେ ବାଜା କୀର୍ତ୍ତନ ମଣ୍ଡଳୀ ଏବଂ ଲୋକନୃତ୍ୟ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇ ମନ୍ଦିର ପ୍ରାଙ୍ଗଣକୁ ଶ୍ରୀଶ୍ରୀ ରାଧାକୃଷ୍ଣଜୀଉ ବିମାନଙ୍କୁ ଉପସ୍ଥିତ କରାଇଥିଲେ। ପରଦିନ ସମସ୍ତ ବିମାନଗୁଡିକୁ ଗ୍ରାମ ପରିକ୍ରମା କରାଯାଇ ହୋଲି ପର୍ବର ଆୟୋଜନ କରାଯାଇଥିଲା। ମାଉସୀ ମା' ମନ୍ଦିର ନିକଟରେ ହୋଲିକା ଦହନ ଓ ଅନ୍ୟ ଏକ କିମ୍ବଦନ୍ତୀ ଭାବେ ମେଣ୍ଢାଶାଳ ପୋଡ଼ି କରାଯାଇ ବିମାନ ଗୁଡିକୁ ଗ୍ରାମର ପ୍ରତିଟି ଦ୍ୱାର ସମ୍ମୁଖରେ ଉପସ୍ଥିତ କରାଇ ପୂଜାର୍ଚ୍ଚନା କରାଯିବା ପରେ ୮ଗୋଟି ସାହିରେ ଉପସ୍ଥିତ କରାଯାଇଥିଲା। ଏଥିରେ ଗ୍ରାମବାସୀ ଏବଂ ପ୍ରତି ସାହିର କୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ଏହି ପର୍ବକୁ ସଫଳ କରିଥିଲେ।

# ଟ୍ରକ୍ ଚାଳକ ଉପରେ ଚଢ଼ିଗଲା ବାଲି ବୋଝେଇ ହାଇୱା

ଭଦ୍ରକ, ୨୮ ।୩(ସମିସ):

ଆଜି ମଧ୍ୟାହ୍ନ ସାଢେ ୧୨ଟା ବେଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ୧୬ ନମ୍ବର ଜାତୀୟ ରାଜପଥର ଚରମ୍ପା ଦମକଳ ଅଫିସ ସମ୍ମୁଖରେ ଏକ ଅଭାବନୀୟ ଦୁର୍ଘଟଣା ଘଟିଛି। ପୂର୍ବରୁ ଦୁର୍ଘଟଣା ଗ୍ରସ୍ତ ହୋଇ ରାଜପଥ ଡିଭାଇଡରରେ ଛିଡା ହୋଇଥିବା ଏକ ଆଜବେଷ୍ଟସ୍ ବୋଝେଇ ଟ୍ରକ୍ ଚାଳକ ଉପରେ ବାଲେଶ୍ୱର ଆଡୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ହାଇୱା (୧୦ଚକିଆ) ଟ୍ରକ ଦୃତଗତିରେ ଆସି ଚଢିଗଲା। ଫଳରେ ଘଟଣାସ୍ଥଳରେ ଅତି ଶୋଚନୀୟ ଭାବେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତେବେ ଏହି ଦୁର୍ଘଟଣା ଲାଗି ପୋଲିସକୁ ସ୍ଥାନୀୟ ଅଞ୍ଚଳ ଅଧିବାସୀମାନେ ଦାୟୀ କରିବା ସହ ପୋଲିସ ଅବହେଳା ଯୋଗୁଁ ଜଣଙ୍କ ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୬ତାରିଖ ସୁଦୂର ଆନ୍ଧ୍ରପ୍ରଦେଶରୁ ଆଜବେଷ୍ଟସ୍ ବୋଝେଇ କରି ଏକ ଟ୍ରକ କଟକ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାଜପଥର ଦମକଳ ଅଫିସ ସମ୍ମୁଖ ଡିଭାଇଡରକୁ ଭାଙ୍ଗି ଅଟକି ରହିଥିଲା। ତେବେ ଉକ୍ତ ଦୁର୍ଘଟଣା ଗ୍ରସ୍ତ ଟ୍ରକଟିକୁ ଗ୍ରାମାଞ୍ଚଳ ପୁଲିସ ରାଜପଥରୁ ସ୍ଥାନାନ୍ତର କରିନଥିଲେ। ଯାହା ଫଳରେ ୨ଦିନ କାଳ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟି ଛିଡା ହୋଇ ରହିଥିଲା ଏବଂ ଏହାର ଚାଳକ, ହେଲପର ଏହାକୁ ଜଗି ରହିଥିଲେ। ପରେ ଆଜି ଅନ୍ୟ ଏକ ଟ୍ରକ୍‌ରେ ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ଆଜବେଷ୍ଟସ୍ ଗୁଡିକୁ ଅନଲୋଡ କରାଯାଉଥିଲା। ଟ୍ରକ୍ ନିକଟରେ ଛିଡା ହୋଇଥିବା ଏହାର ଚାଳକ ଏହି କାର୍ଯ୍ୟ ଦେଖୁଥିବା ବେଳେ ହଠାତ ବାଲେଶ୍ୱର ଆଡୁ ଭଦ୍ରକ ଅଭିମୁଖେ ଏକ ୧୦ଚକିଆ ହାଇୱା (ଓଡି୨୨-୦-୬୨୨୪) ସମ୍ପୃକ୍ତ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଚାଳକ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଅତି ଶୋଚନୀୟ ଭାବେ ଉକ୍ତ ଡ୍ରାଇଭରଙ୍କ ମୃତ୍ୟୁଘଟିଥିଲା। ମୃତ ଚାଳକଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବା ବେଳେ ତାଙ୍କ ନାମ ସ୍ପଷ୍ଟ ହୋଇନି। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଡ୍ରାଇଭରଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ତାଙ୍କର ପରିବାର ଲୋକେ ଆସିନଥିବାରୁ ଶବକୁ ବ୍ୟବଚ୍ଛେଦ କରାନଯାଇ ରଖାଯାଇଛି। ଦୀର୍ଘ ୨ଦିନ କାଳ ୧୬ନମ୍ବର ଜାତୟ ରାଜପଥରେ ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ପଡ଼ି ରହିଥିବା ବେଳେ ପୁଲିସ କେଉଁ କାରଣରୁ ତାକୁ ସ୍ଥାନାନ୍ତର କଲାନାହିଁ, ଯାହା ଫଳରେ ଜଣେ ଟ୍ରକ୍ ଚାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଲା ବୋଲି ସମ୍ପୃକ୍ତ ଅଞ୍ଚଳବାସୀମାନେ ଅଭିଯୋଗ କରିଛନ୍ତି।





- ମୃତକ ପୂର୍ବରୁ ଦୁର୍ଘଟଣା ହୋଇଥିବା ଟ୍ରକ୍‌ର ଥିଲେ ଚାଳକ
- ୨୬ରୁ ରାଜପଥରେ ଛିଡ଼ା ହୋଇଥିଲା ଦୁର୍ଘଟଣାଗ୍ରସ୍ତ ଟ୍ରକ୍

● ଚିନ୍ମୟ ଫାଉଣ୍ଡେସନର କଳାକାର ସମାରୋହ

# 'ସମାଜରେ ଆଜି ବି ବହୁ ପ୍ରତିଭା ଅନାଲୋକିତ'



ଭଦ୍ରକ, ୨୮ ।୩(ସମିସ): ସମାଜରେ ଆଜିବି ବହୁ ପ୍ରତିଭା ତଥା କଳାକାର ଅନାଲୋକିତ ଓ ଅନାଲୋଚିତ। ସେମାନଙ୍କୁ ଚିହ୍ନରା ବଣିଆ ପରି ଚିହ୍ନି ତାଙ୍କ ପ୍ରତିଭାକୁ ବିକଶିତ କରିବା ସହ ତାଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ଚିନ୍ମୟ ଫାଉଣ୍ଡେସନ ଇଟଂରନ୍ୟାସନାଲ୍ ସଂଗଠନ ଆନୁକୂଲ୍ୟରେ ଭଦ୍ରକ ସହର ସଂସ୍କୃତି ଭବନଠାରେ ଆୟୋଜିତ କବି ଓ କଳାକାର ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଚିନ୍ମୟ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲର ସମ୍ପାଦକ ଡ. ଚିନ୍ମୟ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶକୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୋଟାରିୟାନ ଡ.ଶିଶିର କୁମାର ମିଶ୍ର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ମୁଖ୍ୟବକ୍ତା, ଅଧ୍ୟାପକ ନୀହାର ରଞ୍ଜନ କର, ସଂଗଠକ ଓ ପ୍ରବଚକ ବିଶ୍ୱମ୍ବର ପଣ୍ଡା, ଡାଫୋଡିଲ ସ୍କୁଲ ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା, କବୟିତ୍ରୀ ସଂଯୁକ୍ତା ବଳ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ, ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ, କବୟିତ୍ରୀ ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ମଞ୍ଚ ଅଭିନେତା କାଳନ୍ଦୀ ମଲ୍ଲିକ ମାନପତ୍ର ପାଠ କରିବା ସହ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟଶ୍ରୀ ନିର୍ମଳ ରାଉତ, ଇଂ.ଅମ୍ବିକା ବଲ୍ଲଭ ସ୍ୱାଇଁ, ଅଧ୍ୟାପକ ନୀହାର ରଞ୍ଜନ କର, କବୟିତ୍ରୀ ଜାନକୀ ପାଢ଼ୀ, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ, ଚିତ୍ରଶିଳ୍ପୀ ତଥା କଳା ନିର୍ଦ୍ଦେଶକ ନିରଞ୍ଜନ ନାୟକ, କଣ୍ଠଶିଳ୍ପୀ ପ୍ରଦୀପ ବେହେରା, ବିଶ୍ୱମ୍ବର ପଣ୍ଡା, ନାଟ୍ୟକାର ନିର୍ମଳ ସ୍ୱାଇଁ, ଅଭିନେତା ହେମନ୍ତ ନାୟକ, ନୃତ୍ୟଗୁରୁ ନାରାୟଣ ସାହୁ, ମୀନାକ୍ଷୀ ବେହୁରିଆ, କବି କିଶୋର ପାଣିଗ୍ରାହୀ, ଅଭିନେତା ଓ ସଂଗଠକ ଗୌରାଙ୍ଗ ବାରିକ, ମଞ୍ଚ ଅଭିନେତା କାଳନ୍ଦୀ ମଲ୍ଲିକ, ମନୋରମା ବେହୁରିଆ ପ୍ରମୁଖ କବି ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧାମନଗର, ୨୮ ।୩(ସମିସ):ଧାମନଗର ଏନ୍ଏସି ଅନ୍ତର୍ଗତ ତାଳପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗଦାଧର ଜେନା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଚରଣ ମଲ୍ଲିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ସିଆରସିସି ସେକ ମୁଜାଫର ହୋସେନ୍, ପ୍ରାକ୍ତନ ସିଆର୍‌ସିସି ଅଶୋକ ନାୟକ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂହ, ଭାବଗ୍ରାହୀ ଖୁଣ୍ଟିଆ, ପ୍ରବୀଣ ବେହେରା, ସମାଜସେବୀ ସହଦେବ ସାହୁ, ଆଲୁମିନି କମିଟି ସଭାପତି ନରେନ୍ଦ୍ର ମହାନ୍ତି, ପରିଚାଳନା କମିଟିର ପୂର୍ବତନ ସଭାପତି ଦେବେନ୍ଦ୍ର ନାୟକ, ସାମ୍ବାଦିକ ସୁଧାକର ଦାଶ, ସେକ ଜାଫର ଅଲ୍ଲୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଇଓ ଏବଂ ୨ଜଣ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅନିମା ମଲ୍ଲିକ, ଅଭିନନ୍ଦିତା ଖଣ୍ଡେଇ, ରଶ୍ମିତା ରାଉତ, ଶିକ୍ଷକ ରାଜେନ୍ଦ୍ର ରାଉତ, ଅରବିନ୍ଦ ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ବ୍ଲକ ନିକଟରୁ ମାତ୍ର ୧୦୦ମିଟର ଦୂରରେ ଥିବା ତଥା ୧୯୫୭ ମସିହାରେ ଅବସ୍ଥିତ ବହୁ ପୁରାତନ ବିଦ୍ୟାଳୟରେ ୩୨୯ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ତେବେ ଏହି ସ୍କୁଲରେ ଶ୍ରେଣୀ ଗୃହ ଓ ଶିକ୍ଷକ ଅଭାବ ସମସ୍ୟା ଥିବାରୁ ଏହାର ଦୂର କରିବାକୁ ଦାବି ହୋଇଥିଲା।


**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party:** BIJU JANATA DAL

**Name of the Election:** GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024

**Name of the State:** ODISHA

(1) Name of the Constituency - 44 - BHADRAK AC

Name of the Candidate – SHRI PRAFULLA SAMAL

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. N.A. |
| | b. | Case No. | i. Not Available |
| | c. | Name of the Court | i. N.A. |
| | d. | Whether charges have been framed or not (Yes/No) | i. No |
| | e. | Date of Conviction, if any | i. N.A. |
| | f. | Details of punishment undergone, if any | N.A. |
| | g. | Any other information required to be given | Summon to appear before the ED authority vide Summon No. PMLA/Summon/BBZO/2024/699 dated 22/02/2024 and accordingly appeared before the Assistant Director, ED, Bhubaneswar Zonal Office on 28/02/2024, in order to cooperate the process of investigation. |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a veteran and senior leader having been elected continuously since 1990 as a Member of Legislative Assembly to the State of Odisha and thus has already served as an MLA consecutively 6 terms, and hence having much popularity due to his polite and amiable nature amongst the general public of the State of Odisha. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the Odisha State Assembly is more justified than other individuals without criminal antecedents. |

(2) Name of the Constituency - 44 - BHADRAK AC

Name of the Candidate – SHRI PRAFULLA SAMAL

........................................................................................ and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

SD/-
DR. SASMIT PATRA
GENERAL SECRETARY.



**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party:** BIJU JANATA DAL

**Name of the Election:** GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024

**Name of the State:** ODISHA

(1) Name of the Constituency - 35-JALESWAR AC

Name of the Candidate – SHRI ASWINI KUMAR PATRA

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Bailable<br>ii. Bailable |
| | b. | Case No. | i. CT 234/2009<br>ii. 2 (c) CC No. 12/2016 |
| | c. | Name of the Court | i. JMFC, Balasore (Rural)<br>ii. JMFC, Balasore (Rural) |
| | d. | Whether charges have been framed or not (Yes/No) | i. Yes<br>ii. Yes |
| | e. | Date of Conviction, if any | i. N.A. |
| | f. | Details of punishment undergone, if any | N.A. |
| | g. | Any other information required to be given | Both the cases are pending for trial. |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is deeply involved in social service, since long, having mass public contact and interest in sports, culture and education being associated with different organisation and have already work as a Member of Legislative Assembly to the State of Odisha, and hence having much popularity in locality as well as amongst the general public of the State of Odisha. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the Odisha State Assembly is more justified than other individuals without criminal antecedents. |

(2) Name of the Constituency - 35-JALESWAR AC

Name of the Candidate – SHRI ASWINI KUMAR PATRA

........................................................................................ and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

SD/-
DR. SASMIT PATRA
GENERAL SECRETARY.



ଟିକେଟ ଘୋଷଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଉଛନ୍ତି ବିଜେଡିର ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡି

## ଅଠର ଦେଉଳ ଯାତ୍ରା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ କମିଟି ସଦସ୍ୟ

**ବାରିପଦା, ୨୮ ।୩(ସମିସ):** ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଅଠର ଦେଉଳ ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଛି । ଏ ନେଇ କମିଟି ସଦସ୍ୟମାନେ ବାରିପଦାରେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି ।

ଶିମିଳିପାଳ ଅଭୟାରଣ୍ୟ ମଧ୍ୟର ଦୁର୍ଗମ ଅଞ୍ଚଳରେ ରହିଥିବା ବାଥୁଡି ଜନଜାତିଙ୍କ ପବିତ୍ର ତୀର୍ଥସ୍ଥଳ ଅଠର ଦେଉଳରେ ବଡପୂଜା ହୋଇଥାଏ । ବାଥୁଡି ଜନଜାତିର ଲୋକେ ପାରମ୍ପରିକ ଭାବରେ ଏହି ତୀର୍ଥସ୍ଥଳକୁ ଗୋଷ୍ଠୀଗତ ଭାବରେ ପଦଯାତ୍ରା କରିବା ସହ ବଡ଼ାମ ଠାକୁରଙ୍କର ଉପାସନା କରିଥାନ୍ତି । ତେବେ ଚଳିତବର୍ଷ ଏହି ଅଠର ଦେଉଳ ଯାତ୍ରାର ସଫଳତା ଲାଗି ବାଥୁଡି ସମାଜ ତରଫରୁ ଏକ ଟିମରେ ବଡାମ ବାହିନୀର ପ୍ରତିଷ୍ଠାତା ରୂପେଶ ଗିରି, ଯୁବ ବାଥୁଡି ସମାଜର ସମ୍ପାଦକ ଚନ୍ଦନ କୁମାର ସେନାପତି, କାଇ ଚଟଣୀର ଗବେଷକ ଇଂ. ନୟାଧର ପଡ଼ିଆଳ, ବଡାମ ବାହିନୀର ସଭାପତି କୃଷ୍ଣଚନ୍ଦ୍ର ନାଏକ ଓ ଅଭିନ୍ନ ଚରଣ ନାଏକ ପ୍ରମୁଖ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ଚଳିତ ବର୍ଷ ଅଠର ଦେଉଳ ଯାତ୍ରା କିପରି ସୁରୁଖୁରୁରେ ସମ୍ପାଦନା ହେବ ସେ ନେଇ ଆଲୋଚନା କରିଥିଲେ । ପାନୀୟ ଜଳ, ସ୍ୱାସ୍ଥ୍ୟ ଟିମ ଓ ବାଉଁଶ ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଏହି ପାରମ୍ପରିକ ଯାତ୍ରାର ସଫଳତା କାମନା କରିବା ସହ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



### ରାସ୍ତା ଓ ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ

# ଇଞ୍ଜିନିୟରଙ୍କୁ ଅଟକ ରଖି କାମ ବନ୍ଦକଲେ ଗ୍ରାମବାସୀ

**ମୋରଡା, ୨୮ ।୩(ସମିସ):** ମୋରଡା ବ୍ଲକ ଅଧୀନ ଗଡ଼ିଆ ପଞ୍ଚାୟତରେ ପୂର୍ତ୍ତ ବିଭାଗ ତରଫରୁ ନିର୍ମାଣ ଚାଲିଥିବା ରାସ୍ତା ଏବଂ ଡ୍ରେନ କାର୍ଯ୍ୟକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି । ସେହିପରି ରାସ୍ତା ସମ୍ପ୍ରସାରଣରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରି କାର୍ଯ୍ୟ ବନ୍ଦ କରିଦେଇଛନ୍ତି । ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବା ସହିତ ନିର୍ମାଣ କାମ କରୁଥିବା ଠିକାଦାର ସଂସ୍ଥାର ଇଞ୍ଜିନିୟର ଅବିନାଶ ନାଏକଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି ।



ସୂଚନାଯୋଗ୍ୟ ଯେ, ପୂର୍ତ୍ତବିଭାଗ ଅଧୀନରେ ହାଣ୍ଡିଭଙ୍ଗାଠାରୁ କୁଜିଡ଼ିହି ପର୍ଯ୍ୟନ୍ତ ରାସ୍ତା ଏବଂ ରାସ୍ତା କଡରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ଚାଲୁଛି; କିନ୍ତୁ କିଛି ଦୋକାନୀ ଗଡ଼ିଆ ବଜାରରେ ଥିବା ରାସ୍ତାକଡର ସରକାରୀ ଜାଗାକୁ ଦୀର୍ଘଦିନ ହେବ ଅବରୋଧ କରି ଦୋକାନ ନିର୍ମାଣ କରିଛନ୍ତି । ଫଳରେ ରାସ୍ତାର ଓସାର ସଂକୁଚିତ ହୋଇଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେଣୁ ଗଡ଼ିଆ ଛକ ନିକଟରେ ୭ ମିଟର ଓସାରର କ୍ୟାରେଜ ୱେ ପରେ ମାଟି ପଡ଼ିବା ପରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ହେଉଛି; କିନ୍ତୁ ଠିକାଦାର ମନମୁଖିଭାବେ କ୍ୟାରେଜ ୱେ ନ ଛାଡି ରାସ୍ତାକୁ ଲଗାଇ ଡ୍ରେନ ନିର୍ମାଣ କରୁଛି । ଫଳରେ ରାସ୍ତା ସମ୍ପ୍ରସାରଣରେ ବାଧା ସୃଷ୍ଟି ହେବା ସହିତ ରାସ୍ତା ପ୍ରଶସ୍ତିକରଣ କାମ ହେଉଛି ।

ଏ ନେଇ ଗ୍ରାମବାସୀ ପୂର୍ବରୁ ବାରିପଦା ପୂର୍ତ୍ତ ବିଭାଗକୁ ଏକ ପତ୍ର ମାଧ୍ୟମରେ ଅଭିଯୋଗ ଜଣାଇଥିଲେ; କିନ୍ତୁ କୌଣସି ଅଧିକାରୀ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲେ । ଠିକା ସଂସ୍ଥା ଅଧିକ ଲାଭ କରିବା ଆଶାରେ ଅଳ୍ପ କିଛି ଦୂର ରାସ୍ତାକୁ ଓସରିଆ କରି ଡ୍ରେନ ନିର୍ମାଣ କରିଥିବାବେଳେ ଗଡ଼ିଆ ବଜାର ଦେଇ ଯାଇଥିବା ରାସ୍ତାକୁ ଲଗାଇ ଡ୍ରେନ ନିର୍ମାଣ କରିଛି । ଭବିଷ୍ୟତରେ ଦୁର୍ଘଟଣା ହେବାର ସମ୍ଭାବନା ଥିବା ଭାବି ଗଡ଼ିଆ ସରପଞ୍ଚ ବାସନ୍ତୀ ଟୁଡୁ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଟୁଡୁ ସମେତ ବହୁ ଗ୍ରାମବାସୀ ଆଜି ରାସ୍ତା ନିର୍ମାଣକୁ ବନ୍ଦ କରିଦେଇଛନ୍ତି । ସରକାରୀ ଜାଗା ଚିହ୍ନଟ କରାଯାଇ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଏ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ଗୌରୀଚରଣ ଗିରିଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ଦୋକାନୀମାନଙ୍କ ମତାମତ ନେଇ ରାସ୍ତା ଏବଂ ଡ୍ରେନ ନିର୍ମାଣ ଆରମ୍ଭ ହୋଇଥିଲା । ସେତେବେଳେ ସରପଞ୍ଚ ମଧ୍ୟ ବିରୋଧ କରିଥିଲେ; କିନ୍ତୁ ଦୋକାନୀମାନେ ତାଙ୍କୁ ବୁଝାଇ ଦେଇଥିଲେ । ପରେ ପୁଣି କାମ ଆରମ୍ଭ କରାଯାଇଥିଲା; କିନ୍ତୁ ଏବେ କିଛି ଦିନ ହେବ ଦାୟିତ୍ୱ ନେଇଛି, ତେଣୁ ଆଜି ଯେଉଁ ପରିସ୍ଥିତି ସୃଷ୍ଟି ହେଲା ପୂର୍ତ୍ତ ବିଭାଗ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଜାଗା ମାପ କରାଇ ଜବର ଦଖଲ ଉଚ୍ଛେଦ କରିବା ପରେ କାମ ଆରମ୍ଭ କରାଯିବ ବୋଲି ଶ୍ରୀ ଗିରି ପ୍ରତିକ୍ରିୟା ରଖିଛନ୍ତି ।

## ଗଛରେ ପିଟିହୋଇ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ

**ଶୁଳିଆପଦା, ୨୮ ।୩ (ସମିସ):** ଶୁଳିଆପଦା ଦେଇ ଯାଇଥିବା ଧାଙ୍ଗିଡିଶୋଳ, ଦେଉଳି, ବାଘଡା, ମରୋଡା (ଡିଡିବିଏମ୍) ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି । ତେବେ ରାସ୍ତା ମଝିରେ ରହି ଥିବା ଶତାଧିକ ଗଛ ଏବେ ଲୋକଙ୍କ ପାଇଁ ବିପଦ ପାଲଟିଛି । ରାସ୍ତା ମଧ୍ୟରେ ରହିଥିବା ଗଛ ପାଇଁ ବିଭିନ୍ନ ସମୟରେ ଛଟ ବଡ ଦୁର୍ଘଟଣା ଘଟୁଥିବା ବେଳେ ଆଜି ପୂର୍ବାହ୍ନରେ ଶୁଳିଆପଦା ମୁଖ୍ୟାଳୟଠାରୁ ପ୍ରାୟ୧.୫ କିମି ଦୂର, କାଙ୍କିଣି ରାସ୍ତାରୁ ଅଳ୍ପ ଦୂରରେ ଗୋଟିଏ କୁବଟା ଟ୍ରାକ୍ଟର ଶୁଳିଆପଦା ପଟୁ ବାଘଡା ଆଡକୁ ଯାଉଥିବା ବେଳେ ରାସ୍ତା ଉପରେ ଥିବା ଏକ ଶାଳ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଟ୍ରାକ୍ଟର ଆଗ ଚକ ଏକ୍ସିଲ୍ ଭାଙ୍ଗି ଯାଇ ୨ଟି ଯାକ ଚକ ଡଲା ଚକ ପାଖରେ ପଡ଼ିରହିଛି । ଟ୍ରାକ୍ଟରରେ ଚାଳକ ସହିତ ଅନ୍ୟ ୨ ଜଣ ଶ୍ରମିକ ଥିଲେ । ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।



## ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା



**ରାଇରଙ୍ଗପୁର, ୨୮ ।୩(ସମିସ):** କୁସୁମୀ ବ୍ଲକ ଅନ୍ତର୍ଗତ ଯୋରଦା ପଞ୍ଚାୟତ ପଡ଼ିଆ ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁ ଯୁବକ ସଂଘ ତରଫରୁ ୫୫ତମ ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୟସ୍କଙ୍କ ମଧ୍ୟରେ ୧୫୦୦ ମିଟର ଦୌଡ, ବାଳକମାନଙ୍କ ୪୦୦ ମିଟର ଦୌଡ, ବାଳିକାମାନଙ୍କ ୪୦୦ମିଟର ଦୌଡ, ବୃଦ୍ଧମାନଙ୍କ ୨୦୦ ମିଟର ଦୌଡ, ଶିଶୁ ବାଳକ ବାଳିକାମାନଙ୍କ ବୁଦ୍ଧି ପରୀକ୍ଷା ଏବଂ ୨୦୦ମିଟର ଦୌଡ, ମହିଳାମାନଙ୍କ ୨୦୦ ମିଟର ଦୌଡ, ଏବଂ ବୁଢିଗାଣି ନୃତ୍ୟ ପ୍ରତିଯୋଗିତା ପରିବେଷଣ ହୋଇଥିଲା । ସଭାପତି ରତନ୍ ଲାଲ୍ ମାଝି ଓ ଉପସଭାପତି ଦିଲ୍ଲୀପ ମାଝୀ ଏବଂ ପଡ଼ିଆ ପଣ୍ଡିତ ରଘୁନାଥ ମୁର୍ମୁ ଯୁବକ ସଂଘର ସମସ୍ତ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କୁସୁମି ବିଡିଓ ସ୍ୱାଦୀପ କୁମାର ତପ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥିଭାବେ ଜଗନ୍ନାଥ ମୁର୍ମୁ, ଚକ୍ରଧର ହେମ୍ବ୍ରମ, ଶ୍ୱେତା ଚାତାର, ପୂର୍ବତନ ବିଡ଼ିଓ ଶ୍ରୀ କୈଳାସ ମୁର୍ମୁ, ଗଙ୍ଗାରାଣୀ ହାଁସଦା, ଯୋରଦା ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମାଝୀ, ତଳକପୋଖରୀ ସରପଞ୍ଚ ରୁକ୍ମଣୀ ମୁର୍ମୁ, ପ୍ରସନ୍ନ କୁମାର ସାହୁ ଏବଂ ଅନ୍ୟାନ୍ୟ ଅତିଥି ମଧ୍ୟରେ ପଡ଼ିଆ ଗ୍ରାମର ମାଝିବାବା ରାମଚନ୍ଦ୍ର ସୋରେନ୍, ନାଏକେ ବାବା ମହେଶ୍ୱର ଟୁଡୁ, ପ୍ରହ୍ଲାଦ ମହାକୁଡ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଆୟୋଜକ ଭାବରେ ସମ୍ପାଦକ ଶୁରଜ ମହାନ୍ତି, କିସୁନ ସୋରେନ, ବିଶାଲ୍ ରାଉତ୍, ରାମେଶ୍ୱର ଟୁଡୁ, ରଘୁନାଥ ସୋରେନ୍, ସଞ୍ଜିବ ମୁର୍ମୁ ସହିତ ପଡ଼ିଆ ପଣ୍ଡିତ ରଘୁନାଥ ମୁର୍ମୁ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ବୁଢିଗାଣୀ ଓ ଢାବୁଲ ନୃତ୍ୟ ପ୍ରତିଯୋଗିତାରେ ୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

## ସୀମାନ୍ତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର; ୩୮ ୟୁନିଟ୍ ସଂଗୃହୀତ



**ଝାରପୋଖରିଆ, ୨୮ ।୩(ସମିସ):** ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ଜାତୀୟ ସେବାଯୋଜନା +୨ ଶାଖା ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଅଧ୍ୟକ୍ଷ ଡ଼ଃ ବୁଦ୍ଧଦେବ କର ଉଦଘାଟନ କରିଥିଲେ । ବାରିପଦା ରକ୍ତଭଣ୍ଡାରର ଡା. ନିଲେସ ଦାସଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଟିମ୍ ରକ୍ତ ସଂଗ୍ରହ କରିଥିଲେ । ଅଧ୍ୟକ୍ଷ ଡ଼ଃ କର ଓ ଡ଼ଃ ଅଶୋକ ଶର୍ମା ପ୍ରଥମ ଓ ଦ୍ୱିତୀୟ ରକ୍ତଦାତା ଭାବେ ରକ୍ତଦାନ କରିଥିବା ବେଳେ +୨ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ଗଣମାଧ୍ୟମ ପ୍ରତିନିଧି ବାସୁଦେବ ପତ୍ର, ସମାଜସେବୀ ଦେବାଶିଷ ଖଟୁଆ, ବ୍ରହ୍ମପୁର ଭେଷଜ ବିଶ୍ୱବିଦ୍ୟାଳୟରେ ଡାକ୍ତର ଛାତ୍ରୀ ଅଭ୍ୟର୍ଥନା ପଟ୍ଟନାୟକ ମଧ୍ୟ ରକ୍ତଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଅଶୋକ ପୃଷ୍ଟି, ମଳୟ କୁମାର ନାୟକ, ବାସୁଦେବ ପତ୍ର, ଦିପୁ ମହାପାତ୍ର, ମୋହିତ କୁମାର ମଣ୍ଡଳ, କ୍ଷିରୋଦ ଦାସ, ଡ଼ଃ ଅଭ୍ୟର୍ଥନା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୩୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଅଧ୍ୟାପିକା ଧରିତ୍ରୀ ବେହେରା, ସୁଜାତା ମହାନ୍ତ, +୩ପ୍ରୋଗ୍ରାମ ଅଫିସର ଶରତ ପଡ଼ିଆରୀ, ଆରତୀ ହୋ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ ।

# କୁଟୁରା ମାଂସ ଜବତ; ୩ ଶିକାରୀ ଗିରଫ

**କପ୍ତିପଦା, ୨୮ ।୩(ସମିସ):** କପ୍ତିପଦା ବନାଞ୍ଚଳ ଅଧୀନ ଶୁଖୁଆପଟା ଅଞ୍ଚଳରୁ କୁଟୁରା ମାଂସ ଭାଗ କରୁଥିବାବେଳେ ଖବର ପାଇ ବନବିଭାଗ ୩ ଜଣ ଶିକାରୀଙ୍କୁ କାବୁ କରିଛି । ନୂତନଭାବେ ଯୋଗଦେଇଥିବା ବାରିପଦା ବନଖଣ୍ଡ ଅଧିକାରୀ ଆସୁଜି ଉମାମହେଶଙ୍କ ନିର୍ଦ୍ଦେଶକ୍ରମେ କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସଙ୍କ ନେତୃତ୍ୱରେ ଶରତ ବନପାଳ ଶିରଶକୁମାର ଦଳେଇ, କପ୍ତିପଦା ବନପାଳ ଲକ୍ଷ୍ମୀକାନ୍ତ ବେହେରା, ଶାଣଦେଇ ବନରକ୍ଷୀ ସାଧବ ସିଂ, ଶୁଖୁଆପଟା ବନରକ୍ଷୀ ରଞ୍ଜିଲତା ପାତ୍ର ଶୁଖୁଆପଟା ଗ୍ରାମ୍ୟରାସ୍ତା ନିକଟରେ କୁଟୁରା ମାଂସ ଭାଗ କରୁଥିବା ବେଳେ ୩ ଜଣଙ୍କୁ କାବୁ କରିଥିଲେ । ଅନ୍ୟମାନେ ଦୌଡି ପଳାଇ ଯାଇଥିଲେ । ମାଂସ ଭାଗବଣ୍ଟରା ସରିଯାଇଥିବାରୁ ମାତ୍ର ୧ କିଲୋ ୨୦୦ଗ୍ରାମ ମାଂସ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ଶଙ୍କରସିଂ (୨୧), ସାଲଖାନସି (୨୨) ଓ କିତବସିଂ (୨୩) । ଏମାନେ ସମସ୍ତେ ଶୁଖୁଆପଟା ଅଞ୍ଚଳର ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି । ଫେରାର ହୋଇଯାଇଥିବା ଅନ୍ୟ ଅଭିଯୁକ୍ତଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ପାଟ୍ରୋଲିଂକୁ ଜୋରଦାର୍ କରିଛି ବନବିଭାଗ । ଶୁଖୁଆପଟା ଅଞ୍ଚଳଟି ବାଲେଶ୍ୱର କୁଲଡିହା ଓ କେନ୍ଦୁଝର ସୀମାନ୍ତରେ ଥିବାରୁ ଶିକାରୀମାନେ ଶିକାର କରି ଅନାୟାସରେ ଖସି ଯାଉଛନ୍ତି । ତେବେ ଆଗକୁ ବୈଶାଖ ମାସ ଥିବାରୁ ଅଖଣ୍ଡ ଶିକାରକୁ ଆଖିରେ ରଖି ବନ ବିଭାଗ ସଜାଗ ଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।



## ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଶୁଭାରମ୍ଭ

**ଖୁଣ୍ଟ, ୨୮ ।୩(ସମିସ):** ଶୁକ୍ଳି ବ୍ଲକ ଅନ୍ତର୍ଗତ ସିଲିମାପୋଷିଠାରେ ଗତ ୨୭ ତାରିଖ ସନ୍ଧ୍ୟାରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହି ନାମଯଜ୍ଞ ଆସନ୍ତା ୩୦ ତାରିଖରେ ଉଦଯାପିତ ହେବ । ଏଥିରେ ସାଲଝାଟିଆ (ବେଙ୍ଗଲ) ସମେତ ବାରିପଦା ନିକଟସ୍ଥ ଘାଟିଆ ସିମୁଳି, ଦିଘାରି ଅସ୍ତିଆ, ମହୁଲିଆ ଓ ନହୁରୀ ସଂକୀର୍ତ୍ତନ ଦଳ ଭାଗ ନେଇଛନ୍ତି । ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ବିଶ୍ୱଶାନ୍ତି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଛି । ହରିନାମ ସଂକୀର୍ତ୍ତନରେ ଗ୍ରାମରେ ଏକ ନିଆରା ଭକ୍ତିଭାବ ସୃଷ୍ଟି ହୋଇଛି ।

## ବିଶ୍ୱ ନାଟକ ଦିବସ ପାଳିତ



**ବାରିପଦା, ୨୮ ।୩(ସମିସ):** ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ ପରିସରରେ ବାରିପଦା କଳାକାର ପରିବାର ତରଫରୁ ବିଶ୍ୱ ନାଟକ ଦିବସ ପାଳିତ ହୋଇଯାଇଛି ।

ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡଃ ପ୍ରକାଶ ଚନ୍ଦ୍ର ଦାଶ, ଡଃ କୁମରମଣି ନାୟକ, ଅନ୍ନଦା ଶଙ୍କର ଦାଶ, କ୍ଷୀରୋଦ କୁମାର ସିଟ, ଫାଲ୍ଗୁନୀ ଦାସ, କୁନ୍ଦନଲାଲ ଭଞ୍ଜ ଓ ରଣଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ନାଟକ ଦିବସର ସ୍ମୃତିଚାରଣ କରିବା ସହିତ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା କ୍ଷେତ୍ରରେ ନାଟକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କହିଥିଲେ । କଳାର ଏକ ଅଂଶ ଭାବେ ନାଟକ ଭାଷା - ଭାଷା ଏବଂ ଧର୍ମ - ଧର୍ମ ଭିତରେ ଥିବା ପ୍ରାଚୀରକୁ ଭାଙ୍ଗିବା ସହ ଆଞ୍ଚଳିକବାଦରୁ ଦୂରେଇ ରହି ଭୌଗଳିକ ଅଞ୍ଚଳ ମଧ୍ୟରେ ଥିବା ସୀମାକୁ ଅତିକ୍ରମ କରି ସମାଜକୁ ଏକ ସୂତ୍ରରେ ରଖିବାରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।

### ଡ୍ରେନ୍ ନିର୍ମାଣ ନେଇ ଚର୍ଚ୍ଚାରେ ମୋରଡ଼ା ପଞ୍ଚାୟତ

# ସାମ୍ବାଦିକ ସମ୍ମିଳନୀରେ ଦୁଇ କମିଟି ମଧ୍ୟରେ ଦୋଷ ଲଦାଲଦି

**ମୋରଡ଼ା, ୨୮ ।୩(ସମିସ)**

କିଛିଦିନ ହେବ ମୋରଡ଼ା ବ୍ଲକ ସରଗରମ ହେବାରେ ଲାଗିଛି । ମୋରଡ଼ା ଛକରୁ ଏକ ଡ୍ରେନ ନିର୍ମାଣକୁ ନେଇ ଦୁଇ କମିଟି ମଧ୍ୟରେ ସାମ୍ବାଦିକ ସମ୍ମିଳନୀ କରି ପରସ୍ପରକୁ ଦୋଷ ଲଦାଲଦି କରୁଥିବା ଦେଖିବାକୁ ମିଳିଛି । ମୋରଡ଼ା ଡାକବଙ୍ଗଳା ପାର୍ଶ୍ୱ ସ୍ୱର୍ଗତ ଦିଲ୍ଲୀପ ବିନ୍ଧାଣିଙ୍କ ବାସଭବନରେ ଥିବା ବିବାହ ମଣ୍ଡପରେ ମୋରଡ଼ା ବଣିକ ସଙ୍ଘ ତରଫରୁ ରବିବାର ନ୍ୟାୟ ପାଇଁ ମୋରଡ଼ା ବଣିକ ସଙ୍ଘ ପ୍ରଥମେ ସାମ୍ବାଦିକ ସମ୍ମିଳନୀ କରି ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ କରିଥିଲେ । ସଂଘ ସଭାପତି ନିଜର ପ୍ରତିକ୍ରିୟା ପ୍ରକାଶ କରି ଖୁବ ବର୍ଷି ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ମୂଳ ଆଲୋଚନାର ବିଷୟ ଥିଲା ଡ୍ରେନ ନିର୍ମାଣକୁ ନେଇ ଉପୁଜିଥିବା ଗଣ୍ଡଗୋଳ ବିଷୟ । ସରକାରୀ ଜମିକୁ ହଡପ କରିବା କଥା; ଯାହା କି ମୋରଡ଼ା ବ୍ଲକରେ ଆଲୋଚନାର ବିଷୟ ହୋଇଛି । ସଂଘ ସଭାପତି ସୌରଭ ରଞ୍ଜନ ମହାନ୍ତି ନିଜ ବିବୃତ୍ତିରେ ସମସ୍ତ ତଥ୍ୟଭିତ୍ତିକ ଘଟଣା ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସୌରଭଙ୍କ କହିବା ମୁତାବକ, ସୁଧାଂଶୁ ରାଉତ ନାମକ ଜଣେ ଯୁବକ ଦୀର୍ଘଦିନ ହେବ ସରକାରୀ ଜମିରେ ଦୁଇ ମହଲା ଘର ନିର୍ମାଣ କରିଛନ୍ତି ଏବଂ ସେହି ବାବଦକୁ ଜରିମାନା ମଧ୍ୟ ଦେଉଛନ୍ତି । ତେବେ ନିଜର ପାଇଖାନାର ମଳକୁ କେନାଲରେ ଛାଡିବା ପାଇଁ ୭ ଲକ୍ଷ ୫୦ ହଜାର ଟଙ୍କାର କାମ ଆଣିଛନ୍ତି ଏବଂ ବିଭିନ୍ନ ପ୍ରକାର ଦୋଷ ଲଦିଥିଲେ । ତେବେ ଇତିମଧ୍ୟରେ ଗୋଟିଏ ଦିନ ଛାଡି ଅର୍ଥାତ ମଙ୍ଗଳବାର ତାରିଣୀ କମିଟି ମୋରଡ଼ା ତରଫରୁ ପୁଣି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଯାଇଥିଲା; ଯେଉଁଥିରେ କମିଟି ସଭାପତି ନିରଞ୍ଜନ କଲିଆ କହିଥିଲେ ଯେ, ଲୋକଙ୍କ ସ୍ୱାର୍ଥ ପାଇଁ କେନାଲ କରାଯାଇଛି; ଯଦ୍ୱାରା ରାସ୍ତାରେ ଆଉ ପାଣି ନ ଜମି କେନାଲ ଦ୍ୱାରା ନିଷ୍କାସନ ହେବ । ସେହିପରି ବିଜୁ ଜନତା ଦଳର ମୋରଡ଼ା ପଞ୍ଚାୟତ ସଭାପତି ତପନ ମହାନ୍ତି କହିଥିଲେ ଯେ, ଜନହିତକର କାର୍ଯ୍ୟକୁ କେହି ବିରୋଧ ନ କରି ସମସ୍ତେ ସହଯୋଗ କଲେ ଅଞ୍ଚଳର ଉନ୍ନତି ହେବ ଏବଂ ବିଧାୟକଙ୍କ ପାଇଁ ମୋରଡ଼ା ପଞ୍ଚାୟତକୁ ପାଖାପାଖି ୩୦ ଲକ୍ଷ ଟଙ୍କାର ଅନୁଦାନ ମିଳିଛି; ସେଥିପାଇଁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



ସେ ନିଜ ପ୍ରତିକ୍ରିୟାରେ କହିଲେ ଯେ ତାଙ୍କର ଘରଟି ସମ୍ପୂର୍ଣ୍ଣ ନିଜସ୍ୱ ଜାଗାରେ ନିର୍ମାଣ କରିଛନ୍ତି ଏବଂ ଛକ ଉପରେ ଥିବା ତାଙ୍କ ଦୋକାନର ସେ ପ୍ରତ୍ୟେକ ବର୍ଷ ସରକାରଙ୍କୁ ଜରିମାନା ଦେଉଛନ୍ତି । ବ୍ୟକ୍ତିଗତ ଶତ୍ରୁତା ଥିବାରୁ ତାଙ୍କୁ ଏହିସବୁ କାର୍ଯ୍ୟ କରି ବଦନାମ କରାଯାଉଥିବା କଥା ସେ କହିଛନ୍ତି । ତେବେ ଏନକ୍ଲୋଚମେଣ୍ଟ କେସ ନମ୍ବର ୨୧୦/୨୦୨୧ କ'ଣ ଏବଂ ତାହା କେଉଁ ପ୍ଲଟ ଉପରେ ସେ ଫାଇନ ପ୍ରଦାନ କରୁଛନ୍ତି, ତାହା ତଦନ୍ତ କଲେ ସାମ୍ନାକୁ ଆସିବ ବୋଲି ମୋରଡ଼ା ବଣିକ ସଙ୍ଘର ସଭାପତି ସୌରଭ ରଞ୍ଜନ ମହାନ୍ତି ଦାବି କରିଛନ୍ତି ।

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ଉଦଳା, ୨୮ ।୩(ସମିସ):** ଉଦଳା ସହରର ଯୁବ ବ୍ୟବସାୟୀ ରାଜେଶ ମହାପାତ୍ର (୪୭)ଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି । ଥାନା ଛକ ନିକଟରେ ଏକ ଗାଡ଼ି ଯନ୍ତ୍ରାଂଶ ଦୋକାନ କରି ବେଶ ଲୋକ ପ୍ରିୟ ହୋଇପାରିଥିଲେ । ସେ ଜଣେ ମେଳାପୀ ଓ ମିଷ୍ଟଭାଷୀ ବ୍ୟବସାୟୀରୂପେ ଅଞ୍ଚଳରେ ବେଶ ପରିଚିତ ଥିଲେ । ଗତ ରବିବାର ହଠାତ ଉଚ୍ଚ ରକ୍ତଚାପ କାରଣରୁ ଚେତାଶୂନ୍ୟ ହୋଇପଡ଼ିଥିଲେ । ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ବ୍ରେନ ଷ୍ଟ୍ରୋକରେ ତାଙ୍କ ପରଲୋକ ହୋଇଯାଇଥିଲା । ଉଦଳା ସ୍ଥିତ ବାସଭବନରେ ଆଜି ମୃତଦେହ ପହଞ୍ଚିବା ପରେ ଲୋକାରଣ୍ୟ ହେବାସହିତ ଶୋକର ଛାୟା ଖେଳିଯାଇଥିଲା । ନିଜ ଗାଁ କୁଟଲିଂରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି ।



## ବାଇକ୍ ଧକ୍କାରେ ଜଣେ ମୃତ;୨ ଗୁରୁତର

**କେନ୍ଦୁଝର,୨୮।୩(ସମିସ):** କେନ୍ଦୁଝର ସଦର ଥାନା ନିକଟ ଜାତୀୟ ରାଜପଥ ୨୦ରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଯାଇଛି । ଉଭୟ ପଟୁ ଆସୁଥିବା ୨ଟି ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇଜଣଙ୍କୁ ଗୁରୁତ୍ୱର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ରେ ଭର୍ତ୍ତି କରାଯାଇଛି । ମୃତାହତଙ୍କର ପରିଚୟ ମିଳିନାହିଁ । ପୁଲିସ ତଦନ୍ତ ଚଳାଇଛି ।

## ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ପୋତି ଦେଲେ କେନାଲ



**ଯୋଡ଼ା,୨୮।୩(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମର ରଜାବନ୍ଧ ଠାରେ ନିର୍ମାଣ କରାଯାଇଥିବା ଚାଷ ଜମିକୁ ସଂଯୋଗ କରାଯାଇଥିବା କେନାଲକୁ ଗତ ଦଶ ବର୍ଷ ହେବ ଜାତୀୟ ରାଜପଥ ନିର୍ମାଣ ସମୟରେ ମାଟି ଦ୍ୱାରା ପୋତି ଦିଆଯାଇଛି । ଫଳରେ ଚାଷ ଜମିକୁ ଜଳଯୋଗାଣ ବନ୍ଦ ହୋଇ ଯାଇଛି । ଯାଦ୍ୱାରା ଲୋକେ ଚାଷ କାର୍ଯ୍ୟରୁ ବଞ୍ଚିତ ହୋଇଛନ୍ତି । ଏହି କେନାଲର ମରାମତି ଓ ପୁନରୁଦ୍ଧାର ନିମନ୍ତେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏ ନେଇ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କୁ ପୁନର୍ବାର ଅବଗତ କରାଯାଇଥିଲା । ଚାଳିତ ମାସ ୨୮ ତାରିଖ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ୨୯ ତାରିଖରୁ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଗ୍ରାମବାସୀମାନେ ଲିଖିତ ଭାବେ ଜଣାଇଥିଲେ । ଏହାପରେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ମଙ୍ଗଳବାର ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନିକ ଅବହେଳା ନେଇ ବ୍ୟାପକ ଆଲୋଚନା କରିଥିଲେ । ଗ୍ରାମବାସୀଙ୍କ ନିଷ୍ପତି ଅନୁଯାୟୀ ଆସନ୍ତା ୨୯ ତାରିଖରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ମଥୁରା କାରୁଆ, ଗୋଲାପ ନାଏକ, ଗୌରୀ ନାଏକ, ତପସ୍ୱିନୀ ନାଏକ ପ୍ରମୁଖ କହିଛନ୍ତି ।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

**ତୁରୁମୁଙ୍ଗା,୨୮।୩(ସମିସ):**କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ବଣ ମହୁଲଡିହା ଗାଁର ନିଖୋଜ ନାବାଳକର ମୃତଦେହ ଉଦ୍ଧାର କରାଯାଇଛି । ଗାଁ ନିକଟ ଦଳକୀ ଘାଟରେ ଗତ ମଙ୍ଗଳବାର ସାଙ୍ଗମାନଙ୍କ ସହ ହୋଲି ଖେଳି ସାରି ଗାଧୋଉଥିବା ସମୟ ଗ୍ରାମର ଭୀମ ମାଝୀ ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ନିଖୋଜ ଥିଲେ । ତେବେ ନିଖୋଜର ୫୨ ଘଣ୍ଟା ପରେ ଭାସି ଯାଇଥିବା ସ୍ଥାନର କିଛି ଦୂରରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଛି । ଘଟଣାସ୍ଥଳରେ ଘଟଗାଁ ପୁଲିସ ମୃତଦେହକୁ ଜବତ କରି ତଦନ୍ତ କରୁଛି ।

## ରାଜ୍ ଫେସନ୍‌ରେ ଜିଏସ୍‌ଟି ଚଢ଼ଉ



**ଯୋଡା,୨୮।୩(ସମିସ):** କେନ୍ଦୁଝର ଯୋଡ଼ାରେ ଜିଏସ୍‌ଟି ଚଢ଼ଉ । ଆଜି ସନ୍ଧ୍ୟାରେ ଯୋଡ଼ା ବସଷ୍ଟାଣ୍ଡ ସ୍ଥିତ ରାଜ୍ ଫେଶନ ଶୋ' ରୁମରେ ଜିଏସ୍‌ଟି ଚଢ଼ଉ କରିଛି । ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ ଏହି ଚଢ଼ଉ କରାଯାଇଛି । ସିଟି ଏଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ ବଡ଼ବିଲର ଅଧିକାରୀମାନେ ଏହି ଚଢ଼ଉରେ ସାମିଲ ହୋଇଛନ୍ତି । ସେପଟେ ରାଜ୍ ଫେଶନର ମୟୂରଭଞ୍ଜ ଜିଲ୍ଲା, ବହଳଦା ସ୍ଥିତ ଶୋ' ରୁମରେ ମଧ୍ୟ ଏକା ସାଙ୍ଗରେ ଚଢ଼ଉ ହୋଇଥିବା ସୂଚନା ରହିଛି । କ୍ରୟ ବିକ୍ରୟ ସଂପର୍କୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କମ୍ପ୍ୟୁଟର ଡାଟା ଆଦିକୁ ଯାଞ୍ଚ କରୁଛନ୍ତି ଟିମ୍ । ଏଥିସହ ଷ୍ଟକ୍ ରେକର୍ଡ ମଧ୍ୟ ଯାଞ୍ଚ କରାଯାଉଛି । କିଣା ବିକା ଓ ଜିଏସ୍‌ଟି ରିଟର୍ଣ୍ଣ ସଂପର୍କୀତ ବିଭିନ୍ନ ରେକର୍ଡ ଶୋ' ରୁମ୍ ପରିଚାଳକଙ୍କୁ ମାଗିଛନ୍ତି ଜିଏସଟି ଅଧିକାରୀ । ଯୋଡ଼ା ସହରରେ ଥିବା ରାଜ୍ ଫେଶନ ରେଡିମେଡ୍ ଗାର୍ମେଣ୍ଟସ୍‌ର ସବୁଠାରୁ ବଡ ଶୋ' ରୁମ୍ ଏହି ଚଢ଼ଉରେ ୮/୧୦ ଜିଏସ୍‌ଟି ଅଧିକାରୀ, ସୁରକ୍ଷା କର୍ମୀଙ୍କ ସହ ଚଢ଼ଉ ଜାରି ରଖିଛନ୍ତି ।

## ନୂଆପଡ଼ା ମନ୍ଦିରର ବାର୍ଷିକ ପ୍ରସ୍ତୁତି ବୈଠକ

**ଆନନ୍ଦପୁର,୨୮।୩ (ସମିସ):** ଘସିପୁରା ବ୍ଲକ ନୂଆପଡାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୋଳ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ପତିତପାବନ କ୍ଷେତ୍ରରେ ଅପରାହ୍ନରେ ପୂଜାପାଠ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରେ ଠାକୁରଙ୍କ ଚଳନ୍ତି ପ୍ରତିମା ଗ୍ରାମ ପରିକ୍ରମା କରିଥିଲେ । ଅପରାହ୍ନରେ ଟ୍ରଷ୍ଟ ବୋର୍ଡର ସ୍ଥାୟୀ ସଭାପତି ସୁରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଟ୍ରଷ୍ଟର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ । ଆସନ୍ତା ଅକ୍ଷୟତୃତୀୟାରେ ବାର୍ଷିକ ଉତ୍ସବ ମେ ୭ ତାରିଖରୁ ଆରମ୍ଭ ହୋଇ ୧୦ ଯାଏ ଚାଲିବ ବୋଲି ସ୍ଥିର ହୋଇଛି । ଏଥିରେ ଯଜ୍ଞ, ହୋମ, ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଛି । ଏହି ବୈଠକରେ ଆୟବ୍ୟୟ ଓ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ବୈଠକରେ ସମ୍ପାଦକ ଶଶଧର ବେହେରା, ଉପସଭାପତି ବିଚିତ୍ରାନନ୍ଦ ରାଉତ, ମୁରଲୀ ରାଉତ, କୋଦଣ୍ଡଧର ରାଉତ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଜେନା, ଉପଦେଷ୍ଟା ବ୍ରଜକିଶୋର ପଣ୍ଡା, ସଭ୍ୟ ନିରାକର ଜେନା, କରୁଣାକର ଚକ୍ର, ରଞ୍ଜନ ଜେନା, ଗୋପାଳ ଜେନା, ଡ. ରାମଚନ୍ଦ୍ର ନାୟକ, ତ୍ରୈଲୋଚନ ସାହୁ, କୈଳାସ ରାଉତ, ବିଭୂତି ରାଉତ, ଦିଲୀପ ଜେନା, ବିପିନି ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଅସହାୟ ଦିବ୍ୟାଙ୍ଗ ମାଧବ

# ତିନିବର୍ଷ ହେଲା ଶୌଚାଳୟରେ କଟୁଛି ଜୀବନ

**ତେଲକୋଇ,୨୮।୩(ସମିସ):**





ଦୁର୍ଗମରେ ଅଞ୍ଚଳରେ ୩ ବର୍ଷ ହେଲା ଶୌଚାଳୟର ଅସହାୟ ଦିବ୍ୟାଙ୍ଗ ବୃଦ୍ଧ ମାଧବ । ଅଧପନ୍ତରିଆ ହୋଇ ପଡିରହିଛି ପ୍ରଧାନମନ୍ତ୍ରୀ ଆବାସ ଘର । ଠିକାଦାର ଖାଇଗଲେ ଟଙ୍କା, ଧ୍ୟାନ ଦେଉନି ପ୍ରଶାସନ । ଏଭଳି ଘଟଣା ସାମ୍ନାକୁ ଆସିଛି କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ଅଧିନସ୍ଥ କୁଲାଡେରା ଗ୍ରାମରୁ ।

କୁଲାଡେରା ଗ୍ରାମର କେନ୍ଦୁଆଦରୀ ସାହିରେ ରୁହନ୍ତି ଦିବ୍ୟାଙ୍ଗ ମାଧବ ଜାମଦା । ବୟସର ଅପରାହ୍ନରେ ସେ ହୋଇପଡିଛନ୍ତି ଅନାବଶ୍ୟକ ଅସହାୟ । ଦିନେ ଚଲା ବୁଲା କରିବା ସହ କାମ ଧନ୍ଦା କରି ଭଲ ରୋଜଗାର କରୁଥିଲେ । ହସ ଖୁସିରେ ଚଳୁଥିଲା ମାଧବଙ୍କ ପରିବାର । ହେଲେ ରୋଗ ଛଡାଇ ନେଲା ସ୍ୱାସ୍ଥ୍ୟ । ୨୦୦୦ ମସିହାରେ କୁଷ୍ଠ ରୋଗରେ ଅକର୍ମଣ୍ୟ ହୋଇଗଲେ ମାଧବ । କାମ ପାଇଟି କରିବାର ସାମର୍ଥ୍ୟ ହରାଇଲେ । ସ୍ତ୍ରୀଙ୍କ ଭରସାରେ ଜୀବନ ବଞ୍ଚୁଥିଲେ, କିନ୍ତୁ ଦଇବ ତାହା ବି ସହିଲାନି । ପ୍ରାୟ ଦଶବର୍ଷ ତଳେ ସ୍ତ୍ରୀଙ୍କର ମଧ୍ୟ ମୃତ୍ୟୁ ଘଟିଲା । ସମ୍ପୂର୍ଣ୍ଣ ଅସହାୟ ହୋଇପଡିଲେ ମାଧବ । ଭଙ୍ଗା କୁଡିଆରେ ଭତ୍ତା ଟଙ୍କା ଆଉ ମାଗିଯାଚି ଗୁଜୁରାଣ ମେଣ୍ଟାଇଲେ । ସବୁ ଗଲା ପରେ ଚାଳ ଘର ଖଣ୍ଡେରେ ଆଶ୍ରା ନେଇ ଜୀବନ ଯିଉଁଥିଲେ । କିଛି ବର୍ଷ ତଳେ ତାଙ୍କର ଏକ ପ୍ରଧାନମନ୍ତ୍ରୀ ଆବାସ ଘର ଅନୁମୋଦନ ହୋଇଥିଲା । ତେବେ ଏ ଆବାସ ତାଙ୍କ ପାଇଁ ସାଜିଲା ଅଭିଶାପ । ସେ ସମୟରେ ସ୍ତ୍ରୀ ମଧ୍ୟ ମୃତ୍ୟୁବରଣ କରିଯାଇଥିବାରୁ ଏବଂ ନିଜେ ଦିବ୍ୟାଙ୍ଗ ହୋଇଥିବାରୁ ଗୃହ ନିର୍ମାଣ କରିବାରେ ଅସମର୍ଥ ହୋଇ ସ୍ଥାନୀୟ ଜଣେ ଠିକାଦାରଙ୍କୁ ଗୃହ ନିର୍ମାଣର ଦାୟୀତ୍ୱ ଦେଲେ ମାଧବ । ଚାଳ ଛପର ଘରକୁ ଭାଙ୍ଗି ସେଠାରେ ଆରମ୍ଭ ହେଲା ଆବାସ ଘର ନିର୍ମାଣ । ହେଲେ ପ୍ରାୟ ପାଞ୍ଚବର୍ଷ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲାନି ଘର କାମ । ଘର କୁ ଅଧାପନ୍ତରିଆ କରି ଛାଡିଦେଲେ ଠିକାଦାର । ଫଳରେ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ମିଳିଥିବା ଶୌଚାଳୟରେ ରହୁଛନ୍ତି ମାଧବ । କେବଳ ୫ କେଜି ଚାଉଳ ଓ ଭତ୍ତା ଉପରେ ନିର୍ଭର କରି ଜୀବନ ବଞ୍ଚୁଥିବା ମାଧବଙ୍କ ପାଇଁ ଘର ସମ୍ପୂର୍ଣ୍ଣ କରିବା ଅସମ୍ଭବ ବ୍ୟାପାର ହୋଇଥିବା ବେଳେ ଶୌଚାଳୟ ହିଁ ଭରସା ହୋଇଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ମିଳିଥିବା ବ୍ୟାଟେରୀ ଚାଳିତ ହ୍ୱିଲଚେୟର ଚକ ମଧ୍ୟ ନଷ୍ଟ ହୋଇଯାଇଥିବାରୁ ଏହାକୁ ସଜାଡିବାକୁ ଅସମର୍ଥ ଅଛନ୍ତି ମାଧବ । ଚକରେ କପଡା ବାନ୍ଧି ଚଳାଉଛନ୍ତି । ତାଙ୍କ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସହଯୋଗ କରାଯାଇ ତାଙ୍କ ଅଧା ଘରକୁ ସମ୍ପୂର୍ଣ୍ଣ କରାଯାଉ ନଚେତ ତାଙ୍କୁ ନେଇ କୌଣସି ଆଶ୍ରମ ଅଥବା ଆଶ୍ରୟ ଗୃହ ରେ ରଖାଯିବାକୁ ଦାବି କରିଛନ୍ତି ଗ୍ରାମବାସୀ ।

### କାଠକଟାରେ ବଢୁଛି ଜଳ ଦୁର୍ଦ୍ଦଶା

## ଜଳକଷ୍ଟ ଯୋଗୁ ଗାଁ ଛାଡ଼ିଲେ ନୂଆବୋହୂ



**ଆନନ୍ଦପୁର,୨୮।୩(ସମିସ):** ସହରଠୁ ଆରମ୍ଭ କରି ଗାଁରେ ସୁଦ୍ଧା ଆରମ୍ଭ ହୋଇଗଲାଣି କଳକଷ୍ଟ । ପୂର୍ବରୁ ଥିବା ନଳକୂପ ଗୁଡିକ ମରାମତି ଅଭାବରୁ ଅଚଳ ପ୍ରାୟ ହୋଇପଡିଥିବାରୁ ଲୋକେ ପାଣି ପାଇଁ ୨ କିଲୋମିଟର ଦୂରରେ ଥିବା ଗଡ଼ଆ ନାଳର ପାଣିକୁ ଆଣିବାକୁ ପଡୁଥିବାରୁ ଅସନ୍ତୋଷ ଉଗ୍ର ରୂପ ଧାରଣ କରିଛି । ଏଭଳି ଜଳକଷ୍ଟ ସହିନପାରି ନୂଆ କରି ବିବାହ କରି ଆସିଥିବା କେତେକ ନୂଆ ବୋହୂ ଗାଁ ଛାଡ଼ି ବାପ ଘରକୁ ପଳାଇବା ଘଟଣା ଆଲୋଚନାର ବିଷୟ ହୋଇଛି । ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକର କାଠକଟା ଗ୍ରାମରେ । ଏହି ଗ୍ରାମରେ ରହୁଥିବା ଆଦିବାସୀ ସଂପ୍ରଦାୟର ଲୋକେ ପାଣି ପାଇଁ ଦହଗଞ୍ଜ ହେଉଥିବା ଅଭିଯୋଗ ହୋଇଛି । ଏହି ଗ୍ରାମରେ ପୂର୍ବରୁ ଥିବା ୨ ଗୋଟି ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି । ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଆରମ୍ଭ ହୋଇଥିବା ଏହି ଜଳକଷ୍ଟରେ ହନ୍ତସନ୍ତ ହେଉଛନ୍ତି ଏହି ଗ୍ରାମବାସୀ । ନୀତି ପ୍ରତିଦିନ ଚଳଣୀ ପାଇଁ ପାଣିର ଅଭାବ ଯୋଗୁ ୨ କିଲୋମିଟର ଦୂରରେ ଥିବା ଚକ୍ରତୀର୍ଥ ନାଳରୁ ପାଣି ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି । ପ୍ରତିଦିନ ସକାଳୁ ପରିବାରର ମହିଳାମାନେ ଗରା କଳସୀ ନେଇ ଚକ୍ରତୀର୍ଥ ନାଳରୁ ପାଣି ଆଣି ବ୍ୟବହାର କରିଥାନ୍ତି । ହେଲେ ଜଳର ଆବଶ୍ୟକତା ପୂରଣ ହୋଇପାରେନାହିଁ । ୨ କିଲୋମିଟର ଚାଲି ଚାଲି ଯାଇ ଜଳସଂଗ୍ରହ କରିବା ଅସହ୍ୟ ହୋଇପଡିବାରୁ ଗତ କିଛି ଦିନ ତଳେ ଗାଁକୁ ବିବାହ ହୋଇ ଆସିଥିବା କେତେକ ନୂଆବୋହୂମାନେ ନିଜ ବାପଘରକୁ ପଳାଇଯିବା ଘଟଣାରେ ପରିବାର ଲୋକେ ବ୍ୟସ୍ତବିବ୍ରତ ହୋଇପଡିବା ଘଟଣା ଏବେ ଉକ୍ତ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି । ଏଣୁ ପ୍ରଶାସନ ପକ୍ଷରୁ ଏହି ଜଳକଷ୍ଟ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

### ● ୩୦ରେ ଆନନ୍ଦପୁର ଓକିଲ ସଂଘ ନିର୍ବାଚନ

## ଭଗବାନଙ୍କୁ ଟକ୍କର ଦେବେ ଭୁବନେଶ୍ୱର

**ଆନନ୍ଦପୁର ୨୮।୩ (ସମିସ) ;** ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ସମ୍ପାଦକ ପଦବୀ ପାଇଁ ଯୁବ ଆଇନଜୀବୀ ଭଗବାନ ମଲିକ ଦ୍ୱିତୀୟ ଥର ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଏକମାତ୍ର ପ୍ରତିଦ୍ୱନ୍ଦୀ ଭୁବନେଶ୍ୱର ଜେନା ତାଙ୍କୁ ଟକର ଦେବାକୁ ଅଣ୍ଟା ଭିଡିଥିବାରୁ ନିର୍ବାଚନୀ ଉଷ୍ମତା ପ୍ରକାଶ ପାଇଛି । ଛାତ୍ର ଜୀବନରୁ ପ୍ରତ୍ୟକ୍ଷ ରାଜନୀତି ସହିତ ଜଡିତ ରହିଥିବା ବେଳେ ଦୀର୍ଘ ଦିନ ଧରି ଆନନ୍ଦପୁର ବିଜୁ ଛାତ୍ର ଜନତା ଦଳର ସଭାପତି ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ମଲିକ ଗତ ୨୦୦୭ ମସିହାରେ ଆନନ୍ଦପୁରରେ ଓକିଲାତି ଆରମ୍ଭ କରିଥିଲେ । ଗତ ୨୦୨୩ ମସିହାରେ ପ୍ରଥମ ଥର ପାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଚଳିତ ନିର୍ବାଚନରେ ଏହି ପଦବୀ ପାଇଁ ଦ୍ୱିତୀୟ ଥର ଲଢେଇ କରୁଥିବାରୁ ଅନ୍ୟତମ ପ୍ରତିଦ୍ୱନ୍ଦୀ ଭୁବନେଶ୍ୱର ଟକର ଦେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିବା ଜଣାଯାଇଛି । ବିଜ୍ଞପ୍ତି ଅନୁଯାୟୀ ୧୮୪ ସଦସ୍ୟ ବିଶିଷ୍ଟ ଆନନ୍ଦପୁର ଓକିଲ ସଂଘର ନିର୍ବାଚନ ପାଇଁ ୩୦ ତାରିଖରେ ସକାଳ ୮ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଉକ୍ତ ଦିନ ଅପରାହ୍ନ ୪ ଘଟିକାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ପାତ୍ର ଙ୍କ ଠାରୁ ସୂଚନା ମିଳିଛି । ଚତୁର୍ଥ ଥର ସଭାପତି ପଦବୀ ପାଇଁ ଦୟାନିଧି ଦାଶ ନିର୍ବାଚନ ଲଢୁଥିବା ବେଳେ ବରିଷ୍ଠ ଆଇନଜୀବୀ ଚିତ୍ତରଂଜନ ଦାଶ ଓ କୁଳମଣୀ ସେଠୀ ଏହି ପଦବୀ ପାଇଁ ଦାବିଦାର ହୋଇଥିବାରୁ ଚଳିତ ଥରର ନିର୍ବାଚନ ଏକ ନିର୍ଣ୍ଣାୟକ ନିଷ୍ପତି ନେବ ବୋଲି ଅନୁମାନ ହୋଇଛି । ଗତ ନିର୍ବାଚନରେ ସଭାପତି ପ୍ରାର୍ଥୀ ଦୟାନିଧି ଦାଶ ୯୦ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଆଶୁତୋଷ ଦାସ ୬୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିବା ବେଳେ ଅନ୍ୟତମ ପ୍ରତିଦ୍ୱନ୍ଦୀ କୁଳମଣି ସେଠୀ ମାତ୍ର ୮ ଖଣ୍ଡ ଭୋଟ ପାଇଥିଲେ ।

## ଏକତା ସୂତ୍ରରେ ବାନ୍ଧି ରଖିଛି ନହଙ୍ଗି-ପାଟଣା ଦୋଳ ମେଳଣ

**ରାମଚନ୍ଦ୍ରପୁର,୨୮।୩(ସମିସ):** ଧର୍ମିୟ ଭାବନା ଏବଂ ଭାଇଚାରା ନିଛକ ନିଦର୍ଶନ ହେଉଛି ଘସିପୁରା ବ୍ଲକ ଅନ୍ତର୍ଗତ ନହଙ୍ଗି-ପାଟଣା ଦୋଳ ମିଳନ । କେଉଁ ଆବାହନ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ଦୋଳ ମେଳଣ ନହଙ୍ଗି ଏବଂ ଜନାର୍ଦ୍ଦନପୁର ପାଟଣା ମେଳଣ ଦୁଇ ପଞ୍ଚାୟତକୁ ଏକତା ସୂତ୍ରରେ ବାନ୍ଧି ରଖିଛି । ଗତ ୧୮୧ ବର୍ଷ ତଳରୁ ଆରମ୍ଭ ହୋଇଥିଲା ଏହି ଦୋଳ ଉତ୍ସବ । ଭାଇଚାରାର ଏହି ପର୍ବ ସ୍ଥାନିୟଅଞ୍ଚଳରେ ସର୍ବପୁରାତନ ଦୋଳ ମେଳଣ ବୋଲି ଅନେକଙ୍କ ମତ ଦିଅନ୍ତି । ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣମୀ ପରଦିନ ଦୁଇ ଗାଁ ହୋଇ ଉଠେ ଉତ୍ସବ ମୁଖର । , ଗାଁ ମୂଖ୍ୟ ରାସ୍ତାରେ ତୋରଣ ତିଆରି ସହ ରଙ୍ଗବେରଙ୍ଗ ଆଲୋକ ମାଳାରେ ସାହି ବସ୍ତିକୁ ସଜାଯାଏ । ଦୁଇ ଗ୍ରାମରୁ ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣ ଯୁଗଳ ମୂରତିକୁ ଧରି ନଗର ଭ୍ରମଣ କରାଇ ମେଳଣ ପଡିଆ ଠାରେ ଏକତ୍ରିତ ହୋଇଥାନ୍ତି ଶ୍ରଦ୍ଧାଳୁ । ଚାରିଆଡ଼େ ଉତ୍ସବ ମୁଖର ପରିବେଶ । ବିରାଟ ପଟୁଆରରେ ଆସି ରାଧାକୃଷ୍ଣଙ୍କୁ ଭକ୍ତ ବନ୍ଦାପନା ସହ ପାଛୋଟି ନେଇଥାନ୍ତି ନିଜ ଘରକୁ । ଭୋଗ ନୈବେଦ୍ୟ ଦେଇ ପ୍ରଭୂଙ୍କ ଠାରୁ ଆଶିଷ ଲାଭ କରିଥାଆନ୍ତି ।



ରାତି ସାରା ଦିଅଁ ଦୋଳ ବିମାନରେ ସବାର ହୋଇ ସକାଳୁ ସକାଳୁ ମେଳଣ ପଡିଆକୁ ଯାଇଥାନ୍ତି । ଆଖପାଖ ଗ୍ରାମରୁ ଦୋଳ ମେଳଣ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥାଏ । ବର୍ଷ ବର୍ଷ ଧରି ଚାଲୁଥିବା ଏହି ଦୋଳ ମେଳଣ, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଭାବ-ମିଳନର ଅତୁଟ ସମ୍ପର୍କକୁ ବଜାୟ ରଖିବା ସହ ଦୁଇ ଗ୍ରାମକୁ ଏସୂତ୍ରରେ ବାନ୍ଧି ରଖିଆସିଛି । ଚଳିତ ବର୍ଷ ଦୁଇ ଗ୍ରାମରୁ ୫ଟି ଦୋଳ ବିମାନର ବ୍ୟବସ୍ଥା ହୋଇଥିଲା । ଏହି ମେଳଣ ଉତ୍ସବକୁ ଜନାର୍ଦ୍ଦନପୁର ପାଟଣାର ଡାକ୍ତର ସନ୍ତୋଷକୁମାର ରାଉତ, ଦୁର୍ଯୋଧନ ସ୍ୱାଇଁ, ହୃଷୀକେଶ ରାଉତ, ତ୍ରିଲୋଚନ ରାଉତ, ଭିକାରୀ ଦାସ, ଭାଗିରଥି ରାଉତ, ଘନଶ୍ୟାମ ବୋଇତେଇ, ସୁରେଶକୁମାର ରାଉତ, କାର୍ତ୍ତିକ ସ୍ୱାଇଁ , ସମେତ ନହଙ୍ଗି ଗ୍ରାମର ବିଜୟ ଧଳ, ବିଶ୍ୱନାଥ ବେହେରା, ଶୁଭ୍ରାଂଶୁ ଦେଓ, ଶ୍ରୀଧର ଭୂୟାଁ, ବିପିନ ସ୍ୱାଇଁ, ପ୍ରଶାନ୍ତ ବିଶ୍ୱାଳ, ସୀତାକାନ୍ତ ଦେଓ, ବାବାଜୀ ଭୂୟାଁ, ଉଦୟ ଓଝା ସମେତ ଦୁଇ ଗ୍ରାମର ଯୁବକ ସଂଘ ତରଫରୁ ଶତାଧିକ ଯୁବକ ପରିଚାଳନାରେ ସହଯୋଗ କରିଥିଲେ ।

## ପିଲା ଚୋରକୁ କାବୁକଲେ ଗାଁ ଲୋକେ



**ହାଟଡ଼ିହୀ,୨୮।୩(ସମିସ):** କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ବାଲିବରେଇ ତଳସାହିରେ ଜଣେ ପିଲା ଚୋରକୁ ଗାଁ ଲୋକେ ଅଟକ ରଖିଥିବା ଜଣାଯାଇଛି । ତେବେ ମିଳିଥିବା ସୂଚନା ଅନୁସାରେ, ଆଜି ରାତ୍ର ପ୍ରାୟ ୮ଟା ସମୟରେ ଗ୍ରାମର ଜଣେ ବୃଦ୍ଧା ନିଜ ୬ବର୍ଷ ବୟସର ନାତୁଣୀକୁ ନେଇ ଗାଁ ପାଖ ସାଳନ୍ଦୀ ନଦୀକୁ ଶୌଚ ହେବାକୁ ଯାଇ ଫେରୁଥିବା ବେଳେ ପିଲା ଚୋର ଜଣକ ହାତରେ ଧରିଥିବା ବସ୍ତା ଓ ବ୍ୟାଗ ସହିତ ନାବାଳିକାକୁ ଟେକି ନେଇ ଧାଇଁଥିଲା । ବୃଦ୍ଧା ଜଣକ ହୋହାଲ୍ଲା କରିବାରୁ ଗାଁ ଯୁବକମାନେ ଉକ୍ତ ପିଲା ଚୋରକୁ କାବୁ କରିବା ସହିତ ନାବାଳିକା ଉଦ୍ଧାର କରିନେଇଥିଲେ । ଧରାପଡ଼ିଥିବା ପିଲାଚୋର ଜଣଙ୍କ ପ୍ରବଳ ମଦ୍ୟପାନ କରିଥିବା ବେଳେ କେହି ପାଗଳ ଓ ମଦୁଆର ଆଖ୍ୟା ଦେଉଥିବା ବେଳେ କେହି ସତସତିକା ପିଲାଚୋର ବୋଲି କହିଛନ୍ତି । ତେବେ ଅଟକ ଥିବା ବ୍ୟକ୍ତି ତଥା ଗାଁ ଲୋକଙ୍କ କହିବାନୁସାରେ ପିଲାଚୋରଟି ନିଜର ପରିଚୟ କିମ୍ବା ଠିକଣା କହିପାରୁନାହିଁ । ଖବର ଲେଖାଯିବା ଯାଏଁ ଏନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନଥିଲେ ।

# ଏବେ ବି ରହିଛି ଶାଳ ଦାନ୍ତକାଠିର ଆଦର



**କେନ୍ଦୁଝର,୨୮।୩(ସମିସ):** କେନ୍ଦୁଝର ଜିଲ୍ଲା ଏକ ବଣ ଜଙ୍ଗଲ ଘେରା ଜିଲ୍ଲା । ଏହି ଜିଲ୍ଲାର ଅଧିକାଂଶ ଲୋକ ବଣ ଜଙ୍ଗଲ ମଧ୍ୟରେ ବସବାସ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ ବନବାସୀ ଚାଷବାସ ଉପରେ ନର୍ଭରଶୀଳ । କିନ୍ତୁ ପାଖାପାଖି ୩୦ ପ୍ରତିଶତ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଲୋକ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । ଜିଲ୍ଲାରୁ ଧୀରେଧୀରେ ବନଜାତ ସଂଗ୍ରକାରୀଙ୍କ ସଂଖ୍ୟା ହ୍ରାସ ପାଇଚାଲିଛି । ବନବାସୀମାନେ ଏହାର ବିକଳ୍ପ ଖୋଜୁଛନ୍ତି । ବନ ବିଭାଗର କଟକଣା ସାଙ୍ଗକୁ ଆଧୁନିକ ଟୁଥ୍ ବ୍ରସର ବହୁଳ ବ୍ୟବହାର ଦାନ୍ତକାଠି ଭଳି ବନଜାତ ଦ୍ରବ୍ୟ ସଂଗ୍ରହକାରୀ ଆର୍ଥୀକ ସ୍ଥିତିକୁ ଦୋହଲାଇ ଦେଇଛି । ବିଶେଷକରି ଜଙ୍ଗଲରୁ ଶାଳ ଦାନ୍ତ କାଠି ସଂଗ୍ରହ କରି ବଜାରରେ ବିକିବା ପରେ ପରିବାର ଚଳାଉଥିବା ଶତାଧିକ ବନବାସୀ ପରିବାର ଏହିକାରଣରୁ ବର୍ତ୍ତମାନ ସଂକଟରେ ଅଛନ୍ତି । କେନ୍ଦୁଝର ଜିଲ୍ଲା ସମସ୍ତ ବନାଞ୍ଚଳରେ ପ୍ରାୟ ୫୦ ପ୍ରତିଶତ ଶାଳ ଜଙ୍ଗଲ ରହିଛି । ଶାଳଗଛ ବନବାସୀମାନଙ୍କୁ ଅନେକ କିଛି ଦେଇଥାଏ । ଶାଳ ଗଛରୁ ଲୋକେ ଝୁଣା, ଶାଳ ପତ୍ର, ଶାଳମଞ୍ଜି ସହିତ ଶାଳ ଦାନ୍ତକାଠି ସଂଗ୍ରହ କରିଥାନ୍ତି । ଶାଳ ଗଛର ଗଜା ଅଂଶକୁ ଲୋକେ ଭାଙ୍ଗି ସେଠାରୁ ପତ୍ରଗୁଡିକ ଛଡାଇ ବଜାରରେ ଦାନ୍ତକାଠି ରୂପେ ବିକ୍ରୟ କରିଥାନ୍ତି । କେନ୍ଦୁଝର ଜିଲ୍ଲାରେ ଅନେକ ଲୋକ ଅଛନ୍ତି ଯେଉଁମାନେ କେବଳ ଶାଳ କାଠିରେ ଦାନ୍ତ ଘଷିଥାନ୍ତି । କେବଳ ପୁରୁଖା ଲୋକ ନୁହଁନ୍ତି ଶାଳ କାଠି ବ୍ୟବହାର କରିବା ଲୋକ ଅନେକ ଅଛନ୍ତି । ଲୋକଙ୍କର ବିଶ୍ୱାସ ଶାଳ କାଠିରେ ଦାନ୍ତ ଘଷିଲେ ଦାନ୍ତ ଶକ୍ତ ହେବା ସହିତ ଦୀର୍ଘସ୍ଥାୟୀ ହୋଇଥାଏ । ତେଣୁ ଏହାର ବ୍ୟବାହାର ଅଧିକ କରାଯାଇଥାଏ । ସହର ଅପେକ୍ଷା ଗାଁ ଗହଳି ଗୁଡିକରେ ଶାଳ ଦାନ୍ତକାଠି ବ୍ୟବହାରକାରୀ ଅଧିକ ଅଛନ୍ତି । ଏଣୁ ଜଙ୍ଗଲ ଅଞ୍ଚଳରେ ରହୁଥିବା କିଛି ବନବାସୀ ଲୋକ ଶାଳକାଠି ସଂଗ୍ରହ ଓ ବିକ୍ରୟ ଉପରେ ନିର୍ଭରଶୀଳ ଅଛନ୍ତି । କିନ୍ତୁ ଶାଳଗଜାକୁ ଭାଙ୍ଗି କାଠି ସଂଗ୍ରହ ଉପରେ ବନବିଭାଗର କଟକଣା ଯୋଗୁଁ ଏହା ଉପରେ ନିର୍ଭରଶୀଳ ଲୋକେ ହଇରାଣ ହେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଦାନ୍ତକାଠି ବ୍ୟବସାୟୀଙ୍କ ପାଇଁ ସମାସ୍ୟା ହୋଇଛି । ଏହି ଦୁଇଟି କାରଣରୁ ଏବେ ବଜାରରେ କିମ୍ବା ଗାଁ ଗହଳିରେ ଶାଳ ଦାନ୍ତକାଠି କମ ମିଳୁଛି । ଫଳରେ ବ୍ୟବହାରକାରୀ ଓ ସଂଗ୍ରହକାରୀ ଉଭୟ ସମାସ୍ୟାରେ ପଡୁଛନ୍ତି । କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟର ରାସ୍ତା କଡରେ, ଏନଏଚ୍ କଡରେ, ଗାଁ ହାଟ, ସାପ୍ତାହିକ ହାଟ, ଡାକ୍ତରଖାନା ସମ୍ମୁଖ, ଶୌଚାଳୟ ସମ୍ମୁଖ, ବସଷ୍ଟାଣ୍ଡ, ଷ୍ଟେସନ, ଯାନିଯାତ୍ରା, ମେଳା ଯେଉଁଠି ଦେଖିଲେ ଦାନ୍ତକାଠି ଉପଲବ୍ଧ ହେଉଥିଲା । କିନ୍ତୁ ବର୍ତ୍ତମାନ ସେ ସମୟ ନାହିଁ କି ଶାଳ ଦାନ୍ତକାଠି ସହଜରେ ମିଳିପାରୁନି । ତେଣୁ ଯେଉଁ ବନବାସୀ ଏହାକୁ ବିକ୍ରୟ କରି ଚଳୁଥିଲେ ସେମନଙ୍କ ପରିବାର ପ୍ରତିପୋଷଣରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା କୁହାଯାଉଛି ।

# ନଷ୍ଟ ହେବାକୁ ବସିଲାଣି ପ୍ରାଣୀ ସହାୟକ କେନ୍ଦ୍ର

**ହାଟଡ଼ିହୀ,୨୮।୩(ସମିସ):** ହାଟଡ଼ିହୀ ବ୍ଲକ୍ ପଞ୍ଚୁଗୋଛିଆ ପଞ୍ଚାୟତ ଅନ୍ତର୍ଗତ ନିଳାପୁର ଗ୍ରାମରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରଟି ଏବେ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାକୁ ବସିଥିବା ଦେଖାଯାଇଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଆଜକୁ ପ୍ରାୟ ୬ ବର୍ଷ ପୂର୍ବେ ଏହି ପ୍ରାଣୀ ସହାୟକ କେନ୍ଦ୍ର ଗୃହଟି ନିର୍ମାଣ ହୋଇଥିଲା । ଏଥିରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ସହିତ କେତେକ ପୁରୁଣା ରଡ଼ ଓ ନିମ୍ନମାନର ସିମେଣ୍ଟ ବ୍ୟବହାର ହୋଇଥିଲା । ଇଟା ଯୋଡ଼େଇ ଓ କାନ୍ଥ ପ୍ଲାଷ୍ଟର ବେଳେ ସିମେଣ୍ଟ ପରିମାଣ କମ୍ ବ୍ୟବହାର ଯୋଗୁଁ କାର୍ଯ୍ୟକ୍ଷମର ୧ମାସ ମଧ୍ୟରେ କାନ୍ଥ ଓ ଛାତରୁ ପ୍ଲାଷ୍ଟର ଖସିବା ଠାରୁ ଆରମ୍ଭ କରି କାନ୍ଥ ଫାଟିବା, ପାଣି ଝରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ୧୯୮୧ମସିହା ଠାରୁ ଦୀର୍ଘ ୩୮ବର୍ଷ ଧରି ଏକ ପୁରୁଣା ଗୃହରେ ଚିକିତ୍ସା କେନ୍ଦ୍ରଟି ଚାଲୁଥିଲା । ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର ଅନୁଯାୟୀ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ଗୃହଟି ପ୍ରାୟ ୬ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା । ମାତ୍ର ନିର୍ମାଣର ୬ବର୍ଷ ମଧ୍ୟରେ ଗୃହର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏହି ପ୍ରାଣୀ ସହାୟକ କେନ୍ଦ୍ରରେ ଭେଟେନାରୀ ଟେକ୍ନିସିଆନ୍ ଭାବେ ବିଷ୍ଣୁପ୍ରସାଦ ବରାଳ ଆଜକୁ ୨୮ବର୍ଷ ହେବ ଏଠାରେ କାର୍ଯ୍ୟ



କରିଆସୁଛନ୍ତି । ବର୍ତ୍ତମାନ ଗୃହର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲେ ସୁଦ୍ଧା ଚାକିରୀ କରିଛି ବୋଲି କେବଳ ଭାଗ୍ୟକୁ ଆଦୋରି କାରବାର କରୁଛି ବୋଲି ସେ କହିଛନ୍ତି । ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ପଞ୍ଚୁଗୋଛିଆ ଏବଂ ସୁଲଣ ପଞ୍ଚାୟତର ଗୃହପାଳିତ ପଶୁପକ୍ଷୀଙ୍କ ମଧ୍ୟରେ ୩୫ଶହ ଗୋରୁଗାଇ, ୧୫ଶହ ଛେଳି ଓ ୪ହଜାରରୁ ଉହଜା କୁକୁଡ଼ା ପାଇଁ ଚାଷୀ ନିର୍ଭର କରିଥା'ନ୍ତି । ମୁଖ୍ୟ କଥାହେଲା, କାର୍ଯ୍ୟାଳୟଟି ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବା ଠାରୁ ଏହାର କାନ୍ଥରେ କିମ୍ବା କୌଣସି ଫଳକରେ ଏହାର ବିଭାଗୀୟ ନାମକରଣ ଲେଖାଯାଇନାହିଁ । କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ଏହାର ମରାମତି ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

